بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5 | ସଂଖ୍ୟା 17

ସାପ୍ତାହିକ **ବଦର** କାଦିଆନ

Weekly **BADAR** Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23 ଏପ୍ରିଲ୍ 2020 | 23 ଶାହାଦତ୍ 1399 ହି.ଶ | 29 ଶାବାନ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَاۤ اِنَّكَ مَنۡ تُدۡخِلِ النَّارَ فَقَدۡ اَخۡزَيۡتَهٗ ؕ وَمَا لِلظّٰلِمِيۡنَ مِنۡ اَنۡصَارٍ ○ (آل عمران:193)

ଅନୁବାଦ- ହେ ଆମମାନଙ୍କର ପାଳନକର୍ତା ! ତୁମ୍ଭେ ଯାହାକୁ ନରକାଗ୍ନିରେ ପ୍ରବେଶ କରାଅ ନିଶ୍ଚୟ ତୁମ୍ଭେ ତାହାକୁ ଅପମାନିତ କରିଅଛ; ଏବଂ ଅତ୍ୟାଚାରୀମାନଙ୍କର କେହି ସାହାଯ୍ୟକାରୀ ନାହାନ୍ତି ।

*(ଆଲେ ଇମରାନ୍: ୧୯୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କୁ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

مَا كَانَ اللّٰهُ مُعَذِّبَهُمْ وَهُمْ يَسْتَغْفِرُوْنَ

**ଅର୍ଥାତ:- ଯଦି ତୁମେ ଚାହୁଁଛ ଯେ ଅଲ୍ଲାଃଙ୍କ ଦଣ୍ଡରୁ ରକ୍ଷାପାଇବ ତେବେ ବହୁଳଭାବେ ଇସ୍‌ତିଗ୍‌ଫାର୍ ପାଠକର । (ଅନ୍‌ଫାଲ୍ : ୩୪)**

**ମୁଁ ତୁମକୁ ଏହା ବୁଝାଇବାକୁ ଚାହୁଁଛି ଯେ ଯେଉଁ ଲୋକମାନେ ବିପତି ଆସିବା ପୂର୍ବରୁ ଦୁଆ କରୁଛନ୍ତି ଏବଂ ଇସ୍‌ତେଗ୍‌ଫାର୍ କରୁଛନ୍ତି ଓ ସଦ୍‌କାତ୍ ଦେଉଛନ୍ତି । ଅଲ୍ଲାଃ ତାଲା ସେମାନଙ୍କ ଉପରେ ଦୟା କରିଥାନ୍ତି ଓ ଐଶ୍ୱରୀକ ଶାସ୍ତିରୁ ସେମାନଙ୍କୁ ବଂଚାଇଥାନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଇସ୍ତେଗ୍‌ଫାର୍ ଐଶ୍ୱରିକ ଦଣ୍ଡ ଓ ଭିଷଣ ବିପତି ବେଳେ ଢ଼ାଲର କାମ ଦେଇଥାଏ

ଖୁଦ୍ ତାଉନ୍ ରୋଗ ହେଉଛି ଏକ ଭିଷଣ ଦଣ୍ଡ ଦ୍ୱିତୀୟରେ ତା' ଉପରେ କଠୋର କାନୁନ, ତାହା ଆଉ ଏକ ଦଣ୍ଡ ଓ ରୋଗଠାରୁ ମଧ୍ୟ ଅଧିକା । ମହିଳା ହୁଅନ୍ତୁ ଅଥବା ପିଲା, ଅଲଗା କରାଯାଉଛନ୍ତି ଏବଂ ଘର ଖାଲି କରିବାପାଇଁ ନିର୍ଦ୍ଦେଶ ଦିଆଯାଉଛି । ଏହି ରୋଗ ଓ ଏହି କାନୁନ ଉପରେ ଚିନ୍ତା କରିବାରେ ମୋ ମନରେ ଏକ ପିଡ଼ା ସୃଷ୍ଟି ହେଲା । ମୁଁ ତହ୍‌ଜ୍ଜୁଦ୍‌ରେ ଏ ସମ୍ବନ୍ଧରେ ଦୁଆ କଲି, ଏଥିରେ ମତେ ସ୍ୱର୍ଗବାଣୀ ହେଲା ***ଇନ୍ନଲ୍ଲାହା ଲା ୟୁଗୟିରୁ ମା ବିକୋମିନ୍ ହତ୍‌ତା ୟୁଗଇରୁ ମା ବିଅନ୍ ଫୁସିହିମ୍*** ଏବେ ଖିଆଲ ଆସୁଛି ଯେ ଯେଉଁ ସ୍ୱର୍ଗବାଣୀ ହୋଇଥିଲା କି:

***''କୌନ୍ କହ୍ ସକ୍‌ତା ହୈ ଅଏ ବିଜ୍‌ଲି ଆସ୍‌ମାନ୍ ସେ ମତ୍ ଗୀର୍''*** ବୋଧ ହୁଏ ଏ ସମ୍ବନ୍ଧରେ ହୋଇଥିବ ।

ମୁଁ ତୁମକୁ ଏହା ବୁଝାଇବାକୁ ଚାହୁଁଛି ଯେ ଯେଉଁ ଲୋକମାନେ ବିପତି ଆସିବା ପୂର୍ବରୁ ଦୁଆ କରୁଛନ୍ତି ଏବଂ ଇସ୍‌ତେଗ୍‌ଫାର୍ କରୁଛନ୍ତି ଓ ସଦ୍‌କାତ୍ ଦେଉଛନ୍ତି । ଅଲ୍ଲାଃ ତାଲା ସେମାନଙ୍କ ଉପରେ ଦୟା କରିଥାନ୍ତି ଓ ଐଶ୍ୱରୀକ ଶାସ୍ତିରୁ ସେମାନଙ୍କୁ ବଂଚାଇଥାନ୍ତି । ମୋର ଏ କଥାକୁ କାହାଣୀ ରୂପେ ଶୁଣନାହିଁ । ମୁଁ ଅଲ୍ଲାଃଙ୍କ ଖାତିର ଏ ଉପଦେଶ ଦେଉଅଛି ଯେ ନିଜର ଅବସ୍ଥା ଉପରେ ଚିନ୍ତା କର । ନିଜେ ମଧ୍ୟ ଓ ନିଜ ସାଙ୍ଗସାଥିମାନଙ୍କୁ ମଧ୍ୟ ଦୁଆରେ ମଜ୍ଜିଯିବା ପାଇଁ କୁହ । ଇସ୍ତେଗଫାର୍ ଐଶ୍ୱରିକ ଶାସ୍ତି ଏବଂ ଭିଷଣ ବିପତି ସମୟରେ ଢ଼ାଲ ପରି କାମ ଦେଇଥାଏ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହୁଛନ୍ତି: ***ମା କାନଲ୍ଲାହୁ ମୁଅଜ୍ଜିବହୁମ୍ ଓ୍ୱହୁମ୍ ୟସ୍‌ଗଫିରୁନ୍*** -(ଅନ୍‌ଫାଲ୍ : ୩୪) ତେଣୁ ଯଦି ତୁମେ ଚାହୁଁଛ ଯେ ଏହି ଐଶ୍ୱରିକ ଦଣ୍ଡରୁ ତୁମେମାନେ ସୁରକ୍ଷିତ ରୁହ ତେବେ ଇସ୍‌ତେଗ୍‌ଫାର୍ ବହୁଳ ଭାବେ ପଢ଼ ।

ସରକାରଙ୍କର ଏ ଅଧିକାର ଅଛି ଯେ, ପିଡ଼ିତ ବ୍ୟକ୍ତିମାନଙ୍କୁ ଅଲଗା ରଖାଯାଉ । ଯେଉଁ ଲୋକମାନଙ୍କୁ ଅଲଗା ରଖାଯିବ, ଯେମିତି ସେମାନେ ଗୋଟିଏ କବର ଭିତରେ ଯାଇ ରହିବେ । ଧନୀ ଗରୀବ, ପୁରୁଷ ମହିଳା, ବୃଦ୍ଧ, ଯୁବକଙ୍କର ବାଛ ବିଛାର ରହିବ ନାହିଁ । ତେଣୁ ଈଶ୍ୱର ନ କରନ୍ତୁ ଯଦି କୌଣସି ଏପରି ସ୍ଥାନରେ ତାଉନ୍ ବ୍ୟାପେ, ଯେଉଁଠାରେ ତୁମମାନଙ୍କ ମଧ୍ୟରୁ କିଏ ଥାଏ ତେବେ ମୁଁ ତୁମକୁ ଏ ନିର୍ଦ୍ଦେଶ ଦେଉଛି ଯେ ସରକାରଙ୍କ କାନୁନକୁ ସର୍ବପ୍ରଥମେ ତୁମେ ପାଳନକାରୀ ହୁଅ ।

ଶୁଣାଯାଉଅଛି ଯେ, ଅଧିକାଂଶ ସ୍ଥାନରେ ପୋଲିସବାଲାଙ୍କ ସହିତ ମୁକାବିଲା ହୋଇଛି । ମୋ ନିକଟରେ ସରକାରଙ୍କ କାନୁନକୁ ବିରୋଧ କରିବା ହେଉଛି ବିଦ୍ରୋହ, ଯାହା ହେଉଛି ଭୟାବହ ଅପରାଧ । ହଁ ସରକାରଙ୍କର ଅବଶ୍ୟ ଏହା ଦାୟିତ୍ୱ ଯେ ସେ ଏପରି ଅଫିସରଙ୍କୁ ନିୟୋଜିତ କରନ୍ତୁ ଯିଏ ସୁନୀତି, ଧର୍ମ ପରମ୍ପରା ଦେଶର ପ୍ରଥା ଓ ପ୍ରଚଳନ ଏବଂ ଧାର୍ମିକ ରୀତିନୀତି ସମ୍ବନ୍ଧରେ ଅବଗତ ଥିବେ । ସୁତରାଂ ତୁମେ ନିଜେ ଏହି କାନୁନ ଉପରେ ପରିଚାଳିତ ହୁଅ ଏବଂ ନିଜ ସାଙ୍ଗସାଥି ଓ ପଡ଼ୋଶୀଙ୍କୁ ଏହି କାନୁନର ଲାଭ ବିଷୟରେ ଅବଗତ କରାଅ । ମୁଁ ବାରମ୍ବାର କହୁଅଛି ଯେ ଦୁଆ କରିବାର ସମୟ ହେଉଛି ଏହା । ଏହି ମହାମାରୀ ପଞ୍ଜାବ ଆଡ଼କୁ ମୁହଁ କଲାଣି, ତେଣୁ ଜରୁରୀ ଅଟେ ଯେ ପ୍ରତ୍ୟେକ ବ୍ୟକ୍ତି ସାବଧାନ ଓ ସଚେତନ ହୋଇ ଦୁଆ କରୁ ଏବଂ ତୌବାଃ କରୁ । ପବିତ୍ର କୁର୍‌ଆନ୍‌ର ଏ ଇଚ୍ଛା ଯେ ଯେତେବେଳେ ଦଣ୍ଡ ମୁଣ୍ଡ ଉପରେ ଆସି ପହଂଚିଯାଏ ପୁଣି ସେତେବେଳେ ତୌବାଃ କରିବା ଦଣ୍ଡରୁ ବଂଚାଇପାରେ ନାହିଁ ।

### ଐଶ୍ୱରିକ ଦଣ୍ଡରୁ ବଂଚିବାର ଉପାୟ

ସୁତରାଂ ଐଶ୍ୱରିକ ଶାସ୍ତି ତୌବାଃର ଦ୍ୱାରକୁ ବନ୍ଦ କରିବା ପୂର୍ବରୁ ତୌବାଃ କରିନିଅ । ଯେବେ ସାଂସାରିକ କାନୁନ ପ୍ରତି ଏତେ ଭୟ ସୃଷ୍ଟି ହେଉଛି ତେବେ କଣ କାରଣ ଅଛି ଯେ ଖୁଦାତାଲାଙ୍କ କାନୁନକୁ ଭୟ ନ କରାଯିବ ? ଯେତେବେଳେ ବିପତି ଆସି ମୁଣ୍ଡ ଉପରେ ଛିଡ଼ା ହୋଇଥାଏ ସେତେବେଳେ ତା'ର ମଜା ଚାଖିବାକୁ ପଡ଼ିଥାଏ । ପ୍ରତ୍ୟେକ ବ୍ୟକ୍ତି ତହଜ୍ଜୁଦ୍‌ରେ ଉଠିବା ପାଇଁ ଚେଷ୍ଟା କରିବା ଉଚିତ ଏବଂ ପାଂଚବେଳା ନମାଜରେ ମଧ୍ୟ କୁନୁତ ପାଠ କରୁ । ଖୁଦାକୁ ନାରାଜ୍ କରୁଥିବା ଏପରି ସମସ୍ତ ପ୍ରକାରର କଥାରୁ ତୌବାଃ କରୁ । ତୌବାଃର ଅର୍ଥ ଏହା ଯେ ଏପରି ସମସ୍ତ କୁକର୍ମ ଓ ଖୁଦାଙ୍କୁ ଅପ୍ରସନ୍ନ କରୁଥିବା କାର୍ଯ୍ୟକଳାପକୁ ପରିତ୍ୟାଗ କରି ଏକ ସତ୍‌ପରିବର୍ତନ କରନ୍ତୁ ଓ ଆଗକୁ ପାଦ ବଢ଼ାନ୍ତୁ ଓ ଧର୍ମ ପରାୟଣତାର ମାର୍ଗକୁ ଗ୍ରହଣ କରନ୍ତୁ । ଚରିତ୍ରକୁ ସଭ୍ୟ କରନ୍ତୁ ଏହା ଦ୍ୱାରା ମଧ୍ୟ ଖୁଦାଙ୍କ କୃପା ହୋଇଥାଏ । ମାନବିକ ସ୍ୱଭାବକୁ ସୁଶୀଳ କରନ୍ତୁ । କ୍ରୋଧ ନ ରହୁ ନମ୍ରତା ଓ ବିନୟ ସ୍ୱଭାବ ତା ସ୍ଥାନ ଅଧିଗ୍ରହଣ କରୁ । ଚରିତ୍ରକୁ ସୁଧାରିବା ସହିତ ନିଜ ସାମର୍ଥ୍ୟ ଅନୁସାରେ ସଦ୍‌କାତ (ଅର୍ଥାତ ଦାନ ପୂଣ୍ୟ ଇତ୍ୟାଦି କର୍ମ) କରିବା ଜାରି ରଖ । ***ୟୁତ୍‌ଇମୁନତ୍ ତାଆମା ଅଲା ହୁବ୍‌ବିହି ମିସ୍‌କିନଉଁ ଓ୍ୱ ୟତିମଉଁ ଓ୍ୱ ଅସିରା*** (ଦହର: ୯) ଅର୍ଥାତ: ଅଲ୍ଲାଃଙ୍କ ପ୍ରତି ପ୍ରେମ ହେତୁ (ସେମାନେ) ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଦ୍ୟ ଖୁଆନ୍ତି ଏବଂ ଏହା କହିଥାନ୍ତି ଯେ କେବଳ ଅଲ୍ଲାଃଙ୍କ ପ୍ରସନ୍ନତା ଲଭିବା ପାଇଁ ଆମେ ଏହା ଦେଇଥାଉଁ ଓ ସେହି ଦିନକୁ ଭୟ କରୁଅଛୁ ଯାହା ଅତ୍ୟନ୍ତ ଭୟଙ୍କର ଅଟେ । ସଂକ୍ଷିପ୍ତରେ ଏତିକି ଯେ ଦୁଆ ଓ ତୌବାଃ ଦ୍ୱାରା କାମ ନିଅ ଏବଂ ସଦକାତ ଦେଇଚାଲ ଯଦ୍ୱାରା ଅଲ୍ଲାଃ ତାଲା ତାହାଙ୍କ କୃପା ଓ ଦୟା ଦ୍ୱାରା ତୁମ ଉପରେ ଅବତୀର୍ଣ୍ଣ କରିବେ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯୧ ପ୍ରକାଶନ୨୦୧୮ କାଦିୟାନ)*

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# ହଜୁର ଅନୱ୍ୱର ଅ:ବ:ଅଙ୍କ ବିଶେଷ ବାର୍ତା

## ତା ୨୭ ମାର୍ଚ୍ଚ ୨୦୨୦, ସ୍ଥାନ- ଇସଲାମାବାଦ୍, ଟେଲଫୋର୍ଡ଼

ତଶହୁଦ୍, ତଉଜ୍, ଏବଂ ସୁରାଃ ଫାତିହାର ଆବୃତି ଅନ୍ତେ ହଜୁର ଅନୱ୍ୱର ଅ:ବ:ଅ କହିଲେ: ଆଜିକାଲି ଯେଉଁ ସଂକ୍ରାମକ ଜନିତ ଭୁତାଣୁ ରୋଗ ବ୍ୟାପିଛି । ତାହା ଯୋଗୁଁ ସମଗ୍ର ପୃଥିବୀର ପରିବ୍ୟାପ୍ତ ରାଷ୍ଟ୍ରମାନ ନିଜ ଦେଶରେ କଟକଣା ଲଗେଇଛନ୍ତି ଏବଂ ଏଠାରେ ଅର୍ଥାତ ବ୍ରିଟେନ୍ ସରକାର ମଧ୍ୟ ମସଜିଦରେ ସାମୂହିକ ନାମଜ ପଢ଼ିବାକୁ ବାରଣ କରିଛି ଏବଂ ଯଦି ବି ନମାଜ ସମ୍ଭବ ହୋଇପାରୁଛି ତେବେ ସେ ପରିପ୍ରେକ୍ଷୀରେ ଦୁଇ କିମ୍ବା ତଦୁର୍ଦ୍ଧ୍ୱ ବ୍ୟକ୍ତି ବ୍ୟତୀତ ଅନ୍ୟ କେହି ସେଠାରେ ଉପସ୍ଥିତ ହୋଇ ସାମୁହିକ ନମାଜ ପଢ଼ି ପାରିବେ ନାହିଁ ଏବଂ ତା' ବି ନିକଟବର୍ତୀ ଲୋକେ ହୋଇଥିବେ । ବର୍ତମାନ ଆଇନ ମଧ୍ୟ ସ୍ୱଷ୍ଟ ହୋଇପାରୁ ନାହିଁ । କେଉଁ ବ୍ୟକ୍ତି ଏହା କହୁଛି ଯେ, ତିନି ଜଣ ବ୍ୟକ୍ତିରୁ ଅଧିକ ବ୍ୟକ୍ତି ଏକତ୍ରିତ ହୋଇପାରିବେ ନାହିଁ କିମ୍ବା କେହି କହୁଛନ୍ତି ଯେ, ଯଦି ତିନିଜଣ ନିକଟତର ସଂପର୍କୀୟ ହୋଇଥିବେ ତେବେ ବାଜମାଅତ୍ ନମାଜ ହୋଇପାରିବ କିମ୍ବା ଅନ୍ୟ ବ୍ୟକ୍ତିମାନେ ଏହା ମତପୋଷଣ କରିଛନ୍ତି ଯେ, ସେହି ବ୍ୟକ୍ତିମାନ ସାଙ୍ଗ କିମ୍ବା ସାଥି ହୋଇଥିବେ । ସେ ଯାହାହେଉ ନା କାହିଁକି ଏଭଳି ପରିସ୍ଥିତିରେ ଯେ ପର୍ଯ୍ୟନ୍ତ ନିୟମିତ ରୂପେ ଏହା ସ୍ୱଷ୍ଟ ନାହିଁ ଯେ, ଜୁମା ନମାଜ ପଢ଼ା ଯାଇପାରିବ କି ନାହିଁ । କାରଣ ଜୁମା ନମାଜ ନିମନ୍ତେ କେତେକ କଥା ଆଲୋଚନା ଯୋଗ୍ୟ । ଏଣୁ ମୁଁ ଆଜି ପରାମର୍ଶ ପରେ ଏହା ନିଷ୍ପତି ନେଇଛି ଯେ, ମୁଁ ମୋ କାର୍ଯ୍ୟାଳୟରୁ ହିଁ ଖୁତବା ଜୁମା ପରିବର୍ତେ ଏକ ବାର୍ତା ମାଧ୍ୟମରେ ଆପଣମାନଙ୍କୁ ସମ୍ବୋଧିତ କରିବି । ପାରମ୍ପରିକ ଜୁମା ନମାଜ ନ ପଢ଼ା ଯାଉ । ଜୁମା ଦିନ ଏମ୍.ଟି.ଏରେ ଖୁତବା ଶୁଣିବା ଉପସ୍ଥିତଙ୍କ ଖୁତବା ଶୁଣିବାରେ ଆପଣମାନେ ଅଭ୍ୟସ୍ତ ହୋଇଯାଇଥିଲେ । ଯଦି ଆଜି ମୁଁ ଜମାଆତକୁ ସମ୍ବୋଧିତ ନ କରେ ତେବେ ଲୋକମାନଙ୍କୁ ହୁଏ ତ ବେଳେବଳେ ହତୋତ୍ସାହିତ ମଧ୍ୟ ହୋଇଯିବେ ଯେ, ଆଜି ହଜୁର ଖୁତବା ଦେଲେ ନାହିଁ ଏବଂ ପୁନଶ୍ଚ ଏହା ବ୍ୟତିତ ବିଭିନ୍ନ ପ୍ରକାର ଅନୁମାନ ଲଗାଇବା ମଧ୍ୟ ଆରମ୍ଭ ହୋଇଯାଇଥାଏ । ଏଣୁ ମୁଁ ଏହି ଉପାୟକୁ ଶ୍ରେୟସ୍କର ବୋଲି ମନେ କରୁଛି ଯେ, ଯେ କୌଣସି ଉପାୟରେ ମୁଁ ଜମାଅତକୁ ସମ୍ବୋଧିତ କରିବି ଏବଂ ଏଥିପାଇଁ ଏହି ପନ୍ଥାକୁ ଅବଲମ୍ବନ କରାଗଲା ଯେ, ମୁଁ କାର୍ଯ୍ୟାଳୟରୁ ହିଁ ବସି ଏକ ବାର୍ତା ଶୈଳୀରେ ଆପଣମାନଙ୍କୁ ସମ୍ବୋଧିତ କରିବି ।

ସେ ଯାହା ହେଉ ନା କାହିଁକି ମୁଁ ଯେପିରି କହିଲି ଯେ, ଆଜି ଆମେମାନେ ଜୁମା ନମାଜ ପଢ଼ିବୁ ନାହିଁ ଏବଂ ଆଗାମୀ ପାଇଁ ଇନ୍‌ଶାଅଲ୍ଲାଃ କେଉଁ ମାର୍ଗ ଅବଲମ୍ବନ କରାଯିବ ତାହା ସଂପର୍କରେ ଇନ୍‌ଶାଅଲ୍ଲାଃ ଅବଗତ କରିଦିଆଯିବ । କାରଣ ଦୀର୍ଘ ସମୟ ପର୍ଯ୍ରନ୍ତ ଆମେ ଜୁମା ନମାଜ ଛାଡ଼ିପାରିବୁ ନାହିଁ । ଯେପରି ମୁଁ କହିଛି ଯେ, ମୋର ଜମାଅତ୍ ସହିତ ଯୋଗାଯୋଗ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଏବଂ ଆଜିକାଲିର ପରିସ୍ଥିତିରେ ଏହା ଆହୁରି ଆବଶ୍ୟକ ମଧ୍ୟ ହୋଇପଡ଼ିଛି । ତେଣୁ ମୁଁ ଆଇନଜୀବି ଅଧିବକ୍ତାଙ୍କ ସହ ପରାମର୍ଶ ପରେ ହିଁ ଏହି ନିଷ୍ପତି ନେଇଛି । କାରଣ ମୁଁ ଯେପରି ପୂର୍ବରୁ କହିଛି ଯେ, ମୋର ଜମାଅତ୍ ଠାରୁ ଅଧିକ ଦିନ ଦୁରେଇ ରହିବା ଇନ୍‌ଶାଅଲ୍ଲାଃ ଆମେ ନିଶ୍ଚୟ ଏହାର କୌଣସି ସମାଧାନ ବାଟ ବାହାର କରିବୁ । ମୁଁ ଜମାଆତ୍ ବୃନ୍ଦଙ୍କୁ ଏହା ମଧ କହିବାକୁ ଚାହୁଁଛି ଯେ, ସରକାର ଏହି କରୋନା ରୋଗ ଯୋଗୁଁ ଲୋକମାନଙ୍କୁ ମସଜିଦ୍ ଆସିବାକୁ ବାରଣ କରିଛି କିମ୍ବା ଯଦି ବି କୌଣସି ବ୍ୟକ୍ତି ମସଜିଦରେ ନମାଜ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ତେବେ ସେମାନେ ମସଜିଦ୍ ଆସି ପାରିବେ ବା ନିଜ ପରିବାର ସହିତ ମସଜିଦ ଆସିପାରିବେ କିନ୍ତୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାନୁଯାୟୀ ସେମାନେ ନମାଜ ପଢ଼ିବା ସମୟରେ ନିଜ ମଧ୍ୟରେ ବ୍ୟବଧାନ ବା ଦୂରତା ବଜାୟ ରଖିବେ । କିନ୍ତୁ ବାଜମାଅତ୍ ନାମଜ ଏପରି ହୋଇନଥାଏ । କାରଣ ଆମ ଇସଲାମରେ ଏଥିପାଇଁ ଯାହା ବିଧି ବିଧାନ ରହିଛି ଯେ, ବାଜମାଅତ୍ ନମାଜ ପାଇଁ ଲୋକମାନଙ୍କର ଧାଡ଼ିରେ ପରସ୍ପର ସହ ସଂଲଗ୍ନ ଓ ଏକତ୍ରିତ ହୋଇ ନମାଜ ପଢ଼ାଯାଏ । ସୁତରାଂ ଏଭଳି ପରିସ୍ଥିତିରେ ଅହମଦି ବ୍ୟକ୍ତିମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ସେମାନେ ବାଜମାଅତ୍ ନାମଜ ପଢ଼ିବାର ଆୟୋଜନ କରନ୍ତୁ ଏବଂ ଘରର ସଦସ୍ୟମାନେ ଏକାଠି ମିଶି ଜୁମା ନମାଜ ପଢ଼ନ୍ତୁ ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କ (ମଲଫୁଜାତ୍) ମୁଖ ନିସୃତ ବାଣୀରୁ କିମ୍ବା ଜମାଅତର ପୁସ୍ତକାଦିରୁ ଅଥବା ହଜ୍‌ରତ ମସିହ ମଉଦ ଆ:ସଙ୍କର ଅନ୍ୟାନ୍ୟ ପୁସ୍ତକରୁ କିମ୍ବା ଅଲ୍‌ଫଜଲରୁ, ଅଲ୍ ହକମରୁ ଓ ଅନ୍ୟ ଯେ କୌଣସି ପତ୍ରିକାରୁ ସନ୍ଦର୍ଭଗୁଡ଼ିକ ଉଦ୍ଧାର କରି ଖୁତବାରେ ପଢ଼ାଯାଇ ପାରିବ ଏବଂ ଘରର ସଦସ୍ୟଙ୍କ ମଧ୍ୟରୁ କୌଣସି ସାବାଳକ କିମ୍ବା ପ୍ରାପ୍ତ ବୟସ୍କ ବ୍ୟକ୍ତି ମଧ୍ୟ ଜୁମା ନମାଜ ଏବଂ ଅନ୍ୟ ନମାଜ ପଢ଼େଇ ପାରିବେ । ସେ ଯାହାହେଉ ନା କାହିଁକି ଜୁମା ନମାଜକୁ ଅଧିକ ଦିନ ପର୍ଯ୍ୟନ୍ତ ଛଡ଼ା ଯାଇପାରିବ ନାହିଁ । ଯେତେବେଳେ ଲୋକମାନେ ଘରେ ନମାଜ ପଢ଼େଇବେ ଏବଂ ଏଥିପାଇଁ ସେମାନେ ନିଶ୍ଚୟ ପ୍ରସ୍ତୁତି କରିବେ ବା ପ୍ରସ୍ତୁତ ହେବେ । ତେବେ ସେମାନେ ଅଧ୍ୟୟନ କରିବେ । ଏହାଦ୍ୱାରା ସେମାନଙ୍କର ଜ୍ଞାନରେ ଅଭିବୃଦ୍ଧି ଘଟିବ । ଜ୍ଞାନାତ୍ମକ ଲାଭର କାରଣ ସାବ୍ୟସ୍ତ ହେବ । ବରଂ ଅଲ୍ ହକମରେ ଆଜିକାଲି ଯେଉଁ ଲୋକଙ୍କ ପ୍ରତିକ୍ରିୟାମୂଳକ ମତ ରଖିବାର ପରମ୍ପରା ଆରମ୍ଭ ହୋଇଛି ଯେ, ଆମେ ଏହି ନିରୁଦ୍ଧତା ଯୋଗୁଁ ଘରେ ବସି ନିଜର ସମୟକୁ କିପରି ବିତାଇବୁ । ଏ ସଂକ୍ରାନ୍ତରେ ଅନେକ ଲୋକମାନେ ଏହା ଉଲ୍ଲେଖ କରୁଛନ୍ତି ଯେ, ଜମାଅତରେ କୁର୍‌ଆନ୍ ଏବଂ ହଦିସ୍ ଓ ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ପୁସ୍ତକ ଏବଂ ଜମାଅତର ପତ୍ରପତ୍ରିକା ଗୁଡ଼ିକୁ ପାଠ କରି ଆମେ ଆମର ଜ୍ଞାନର ପରିସୀମାକୁ ବୃଦ୍ଧି କରିପାରିବା ଏବଂ ଆଜିକାଲି ସାଂସାରିକ ବ୍ୟକ୍ତିମାନେ ସାମାଜିକ ଓ୍ୱେବସାଇଟରେ ମଧ୍ୟ ଧାର୍ମିକ ଚର୍ଚ୍ଚାମାନ କରୁଛନ୍ତି । ତେଣୁ ଏହା ମଧ୍ୟ ଆମମାନଙ୍କ ପାରିବାରିକ ଜୀବନକୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ନିଜର ଅବସ୍ଥାକୁ ସୁଧାରିବା ସହିତ ନିଜ ସନ୍ତାନମାନଙ୍କୁ ଧ୍ୟାନ ଦେବା ଉଚିତ । ଏମ୍.ଟି.ଏରେ ମଧ୍ୟ ଭଲ ଭଲ କାର୍ଯ୍ୟକ୍ରମ ପ୍ରସାରିତ ହେଉଛି, ତେଣୁ କିଛି ସମୟ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ଘରେ ଏକତ୍ରିତ ବସି ଦେଖିବା ଉଚିତ । ଏହା ବ୍ୟତୀତ ମୁଁ ଯେପରି ପୂର୍ବରୁ କହିଛି ଯେ, ସରକାର ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଉକ୍ତ ଲକ୍‌ଡ଼ାଉନ୍ ନିୟମ ଲାଗୁ କରିଛି । ତେଣୁ ଯେଉଁ ନିୟମ ପ୍ରଣୟନ କରିଛି ତାହାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରନ୍ତୁ ଏବଂ ଏହାଠୁ ବି ଅଧିକ ଯେପରିକି ମୁଁ ଗତ ଖୁତବାରେ କହିଥିଲି କି ଆମମାନଙ୍କୁ ଦୁଆ ପ୍ରତି ଅଧିକରୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହି ଦୁଆ ମାଧ୍ୟମରେ ହିଁ ଆମେମାନେ ଅଲ୍ଲାଃ ତାଲାଙ୍କର କୃପାକୁ ଟାଣି ଆଣିପାରିବା ଏବଂ ନିଜର ଆଧ୍ୟାତ୍ମିକ ତଥା ଓ ଶାରୀରିକ ଅବସ୍ଥାକୁ ସୁସ୍ଥ କରିପାରିବା । ଏହି ପନ୍ଥାକୁ ଅବଲମ୍ବନ କରିବା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କୁ ଉପଦେଶ ଦେଇଛନ୍ତି ଏବଂ ଏହିଭଳି ଉତ୍କଟ ପରିସ୍ଥିତିରେ ମଧଞ୍ଚ ହଜୁରୁ ଆ:ସ ଏହା ଉପଦେଶ ଦେଇଛନ୍ତି ଯେ, ଆମମାନଙ୍କୁ ଅଧିକରୁ ଅଧିକ ଅଲ୍ଲାଃ ତାଲାଙ୍କ ନିକଟରେ ନିଜ ପାପର ପ୍ରାୟଶ୍ଚିତ ଏବଂ କ୍ଷମା ପ୍ରାର୍ଥନା କରିବା ଉଚିତ । ତେଣୁ ନିଜର ହୃଦୟକୁ ନିର୍ମଳ କରନ୍ତୁ ଏବଂ ପୁଣ୍ୟ କର୍ମରେ ନିମଜ୍ଜିତ ହୁଅନ୍ତୁ । ଅଲ୍ଲାଃ ତାଲା ଆମମାନଙ୍କୁ ଦୁଆର ଏକ ମସ୍ତବଡ଼ ଅସ୍ତ୍ର ପ୍ରଦାନ କରିଛନ୍ତି । ଯାହା ମାଧ୍ୟମରେ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କ ଶରଣାପନ୍ନ ହେବା ପାଇଁ ପ୍ରଚେଷ୍ଟା କରିବା ଉଚିତ । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

ଯେଉଁଠି ଜୁମା ନମାଜର ପ୍ରଶ୍ନ ରହିଛି ସେଠାରେ କେତେକ ପରିସ୍ଥିତିରେ ବାଜମାଅତ୍ ନମାଜ ଓ ଜୁମା ନମାଜ ନ ପଢ଼ିବାର ମଧ୍ୟ କେତେକ ଆହଦୀସରେ ଏହାର ବିବରଣୀ ଦେଖିବାକୁ ମିଳେ ଯେ, ଏଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ଜୁମା ନମାଜ ଓ ଅନ୍ୟ ନମାଜ ଛଡ଼ାଯାଇ ପାରିବ । ଉଦାହରଣ ସ୍ୱରୁପ ବୁଖାରୀର ଏକ ହଦୀସରେ ବର୍ଣ୍ଣିତ ଯେ, ହଜ୍‌ରତ୍ ଇବ୍‌ନେ ଅବ୍‌ବାସ୍ ର:ଅ ବର୍ଷା ଦିନରେ ନିଜର ମୁଅଜିନକୁ କହିଲେ ତୁମେ ଅଶ୍‌ହଦୁ ଅନ୍ **ଲା ଇଲାହା ଇଲ୍ଲଲ୍ଲାଃ ଓ ଅଶ୍ ହଦୁ ହନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** କହିବ କିନ୍ତୁ ଏହା ପରେ ତୁମେ ହୟିୟା ଅଲସ୍ ସଲା କହିବା ନାହିଁ ବରଂ ତୁମେ ତା' ବଦଳରେ **ସଲ୍ଲୁ ଫି ବୁୟୁତିକୁମ୍** (ଅର୍ଥାତ ନିଜ ଘରେ ହିଁ ନମାଜ ପଢ଼)ର ଶବ୍ଦ ଉଚ୍ଚାରଣ କରିବ । ସୁତରାଂ ଲୋକମାନଙ୍କୁ ଉକ୍ତ କଥାଟି ଯେପରି ନୁଆ ଲାଗିଲା ଏବଂ ସେମାନେ ଏଥି ପାଇଁ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲେ । ପ୍ରତ୍ୟୁତରରେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କହିଲେ ଯେ, ଏହିପରି କାର୍ଯ୍ୟ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କରିଥିଲେ, ଯିଏ ମୋଠାରୁ ସର୍ବୋତମ ଅଟନ୍ତି । ଯଦିଓ ଜୁମା ପଢ଼ିବା ଆବଶ୍ୟକ କିନ୍ତୁ ମୁଁ ଏହାକୁ ନାପସନ୍ଦ କରୁଛି । ମୁଁ ମଧ୍ୟ କେତେକ ଶବ୍ଦର ପରିବର୍ତନ ସହିତ ଏହାକୁ ନାପସନ୍ଦ କରେ । କାରଣ ମୁଁ ତୁମମାନଙ୍କୁ କୌଣସି ସମସ୍ୟାରେ ପକାଇବାକୁ ଚାହୁଁ ନାହିଁ ଯେ, ତୁମେମାନେ ଏହି ବର୍ଷା ପାଗରେ କାଦୁଅ ଓ ଖସନା ପୂର୍ଣ୍ଣ ରାସ୍ତାରେ ଯେପରି ନ ଚାଲ । ଉକ୍ତ କଥାଟି ମୁସ୍‌ଲିମ୍‌ର ହଦିସରେ ମଧ୍ୟ କେତେକ ପରିବର୍ତନ ଶବ୍ଦ ସହ ଏହିପରି ଭାବରେ ବର୍ଣ୍ଣିତ ରହିଛି ଯେ, ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ବର୍ଣ୍ଣନା କରନ୍ତି ଯେ, ସେ ଝଡ଼ ବର୍ଷା ଦିନରେ ମୁଅଜିନକୁ କହିଲେ ତୁମେ **ଅଶ୍‌ହଦୁ ଲା ଇଲାହା ଇଲ୍ଲଲ୍ଲାଃ ଓ ଅଶ୍ ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** କହିବ କିନ୍ତୁ ଏହା ପରେ କିନ୍ତୁ ଏହା ପରେ ତୁମେ ହୟିୟା ଅଲସ୍ ସଲା କହିବା ନାହିଁ ବରଂ ତା' ବଦଳରେ **ସଲ୍ଲୁ ଫି ବୁୟୁତିକୁମ୍** (ଅର୍ଥାତ ନିଜ ଘରେ ହିଁ ନମାଜ ପଢ଼)ର ଶବ୍ଦ ଉଚ୍ଚାରଣ କରିବ । ବର୍ଣ୍ଣନାକାରୀ କହନ୍ତି ଯେ, ଲୋକମାନଙ୍କୁ ଉକ୍ତ କଥାଟି ଯେପରି ନୁଆ ଲାଗିଲା । ତେବେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କହିଲେ ଯେ, କ'ଣ ତୁମେମାନେ ଆଶ୍ଚର୍ଯ୍ୟତ ବା ଚକିତ ହେଉଛି ? ଉକ୍ତ କାର୍ଯ୍ୟଟି ଯିଏ କରିଥିଲେ ସେ ମୋଠାରୁ ସର୍ବୋତମ ଅଟନ୍ତି ଅର୍ଥାତ (ଆଁ ହଜ୍‌ରତ୍ ସ:ଆ:ସ) । ଯଦିଓ ଜୁମା ନମାଜ ପଢ଼ିବା ଆବଶ୍ୟକ କିନ୍ତୁ ମୁଁ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

''ପୃଥିବୀରେ ଜଣେ ସଚେତକର୍ତା ଆସିଲେ କିନ୍ତୁ ପୃଥିବୀବାସୀ ତାହାଙ୍କୁ ଗ୍ରହଣ କଲେ ନାହିଁ କିନ୍ତୁ ଖୁଦା ତାହାଙ୍କୁ ଗ୍ରହଣ କରିବେ ଓ ପ୍ରବଳ ଶକ୍ତି ଦ୍ୱାରା ତାହାଙ୍କ ସତ୍ୟତାକୁ ପ୍ରକାଶ କରିଦେବେ ।''

''ପୃଥିବୀ ଓ ଆକାଶର ଈଶ୍ୱର ଏହା ମୋ ଉପରେ ପ୍ରକାଶ କରିଛନ୍ତି....... ଯେ ତୁମେ ହେଉଛ ହିନ୍ଦୁମାନଙ୍କ ପାଇଁ କୃଷ୍ଣ ଏବଂ ମୁସଲମାନ ଓ ଇସାଇମାନଙ୍କ ନିମନ୍ତେ ମସିହ୍ ମଉଦ୍''

''ଯେଉଁ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ଈଶ୍ୱର ମତେ ପ୍ରେରଣ କରିଛନ୍ତି ତାହା ହେଉଛି ଏହା କି ଈଶ୍ୱର ଓ ତାହାଙ୍କ ସୃଷ୍ଟଜଙ୍କ ମଧରେ ଥିବା ଯେଉଁ ସମ୍ପର୍କ ମଳିନ ପଡ଼ିଯାଇଛି, ତାହାକୁ ଦୂରକରି ପ୍ରେମ ଓ ନିଷ୍ଠାଭାବର ସମ୍ପର୍କ ପୁନର୍ବାର ପ୍ରତିଷ୍ଠା କରିବି ଏବଂ ସତ୍ୟତାର ପରିପ୍ରକାଶ କରି ଯୁଦ୍ଧ ଶେଷ କରିବି ଓ ସୁଲାହ୍‌ର ମୂଳଦୁଆ ପକାଇବି । ଯେଉଁ ଧାର୍ମିକ ସତ୍ୟତା ସବୁ ଦୁନିଆର ଆଖିରେ ଲୁଚି ରହିଛି, ତାହା ସବୁକୁ ପ୍ରକାଶ କରିବି ଏବଂ ସେହି ଆଧାତ୍ମିକତା ଯାହା ପାର୍ଥୀବ ଅନ୍ଧକାର ତଳେ ଦବି ଯାଇଛି, ତାହାର ନମୁନା ଦେଖାଇବି''

''ମୁଁ ଦେଖୁଅଛି ଯେ ଯେବେଠାରୁ ଖୁଦା ମତେ ପୃଥିବୀରେ ମାମୁର୍ (ଈଶ୍ୱର ପ୍ରେରିତ ଦୂତ) ରୂପେ ନିୟୋଜିତ କରି ପ୍ରେରଣ କଲେଣି, ସେବେଠାରୁ ଦୁନିଆରେ ଏକ ମହାନ୍ ପରିବର୍ତନ ହେଉଅଛି ।''

ଯେତେବେଳେ ଲୋକେ ଖୁଦାଙ୍କ ମାର୍ଗକୁ ଭୁଲିଯାଆନ୍ତି, ଏକେଶ୍ୱରବାଦ ଓ ସତ୍ୟମାର୍ଗକୁ ଛାଡ଼ି ଦିଅନ୍ତି ସେତେବେଳେ ଖୁଦାତାଲା ନିଜ ତରଫରୁ କୌଣସି ଜଣେ ଭକ୍ତଙ୍କୁ ପୂର୍ଣ୍ଣଜ୍ଞାନ ପ୍ରଦାନ କରି ଓ ନିଜର ଐଶିବାଣୀରେ ଆଚ୍ଛାଦିତ କରି ମାନବଜାତିର ମାର୍ଗଦର୍ଶନ ନିମନ୍ତେ ପ୍ରେରଣ କରିଥାନ୍ତି ।''

ଏହି ମହାମାରୀ ଭୂତାଣୁ ପୃଥିବୀବାସୀଙ୍କୁ ଚିନ୍ତା କରିବା ପାଇଁ ବାଧ୍ୟ କରିଦେଉଛି ଯେ ଖୁଦାଙ୍କ ଆଡ଼କୁ ଫେରି ଆସନ୍ତୁ । କିନ୍ତୁ ବାସ୍ତବିକ ଈଶ୍ୱର ଏବଂ ଜୀବନ୍ତ ଈଶ୍ୱର ହେଉଛନ୍ତି କେବଳ ଇସ୍‌ଲାମ୍‌ର ଈଶ୍ୱର, ଯିଏ ନିଜ ଆଡ଼କୁ ଆସୁଥିବା ଲୋକମାନଙ୍କୁ ସତ୍‌ପଥ ଦେଖାଇବାର ଘୋଷଣା କରୁଅଛି ।

ଏମ୍.ଟି.ଏ ରେ ୟୋମେ ମସିହ୍ ମଉଦ୍ ଉପଲକ୍ଷେ ପ୍ରସାରଣ ହେଉଥିବା ପ୍ରୋଗ୍ରମରୁ ଲାଭ ଉଠାଇବା ପାଇଁ ଉପଦେଶ ।

କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକମୂଳକ ପଦକ୍ଷେପ ନେବାପାଇଁ, ଏହି କଠିନ ବିପତି ସମୟରେ ପୃଥିବୀ ବାସୀଙ୍କୁ ଇସ୍‌ଲାମ୍ ସହିତ ପରିଚିତ କରିବାପାଇଁ ପ୍ରଭାବି ତବ୍‌ଲିଗି ପ୍ରଚେଷ୍ଟା କରିବାପାଇଁ ଓ ଏହି ରୋଗରେ ପିଡ଼ିତ ଲୋକମାନଙ୍କ ପାଇଁ ଦୁଆ (ପ୍ରାର୍ଥନା) କରିବାକୁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୦ ମାର୍ଚ୍ଚ ୨୦୨୦ ଅନୁଯାୟୀ ୨୦ ଅମାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତିନି ଦିନ ପରେ ୨୩ ମାର୍ଚ୍ଚ ଅଛି । ଏହା ସେହି ଦିନ ଅଟେ ଯେଉଁ ଦିନ ହଜ୍‌ରତ୍ ମସିହ ମଉଦ୍ ଆ:ସ ବୟତ ଅର୍ଥାତ ଦିକ୍ଷା ଗ୍ରହଣ କରିବାର ପରମ୍ପରାର ଶୁଭାରମ୍ଭ କରିଥିଲେ ଏବଂ ଏହି ପ୍ରଯ୍ୟାୟକ୍ରମରେ ନିୟମିତ ରୂପେ ହଜୁର ଆ:ସଙ୍କର ଦାବି ସହିତ ଯମାତ୍ ଅହମଦିୟାର ମଧ୍ୟ ମୁଳଦୁଆ ପଡ଼ିଥିଲା । ଯମାତ୍‌ରେ ଏହି ଦିନ ୟୋମେ ମସିହ ମଉଦ ଅର୍ଥାତ ମସିହ ମଉଦ ଦିନ ରୂପେ ପାଳନ କରାଯାଇଥାଏ । ଏହି ଦିନ ଉପଲକ୍ଷେ ଜଲ୍‌ସାମାନ ମଧ୍ୟ ଅନୁଷ୍ଠିତ ହୋଇଥାଏ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଦାବି ଓ ତାଙ୍କ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥାଏ । ଏଣୁ ଏହି ଦିବସ ଉପଲକ୍ଷେ ଆଜି ମୁଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଦ୍ୱାରା ପ୍ରଦତ କେତେକ ଉଦ୍ଧୃତ ଆଲେଖ୍ୟ ବିଷୟରେ ଆଲୋଚନା କରିବି ।

ହଜୁର ଆ:ସ କହିଲେ ଚଳିତ ବର୍ଷ ବୋଧ ହୁଏ ଅନେକ ଦେଶମାନଙ୍କରେ ଓ ବିଭିନ୍ନ ଅଂଚଳରେ ଆଜିକାଲି ଯେଉଁ ଭାଇରସ ରୋଗ ବ୍ୟାପୁଛି ସେହି କାରଣରୁ ୨୩ ମାର୍ଚ୍ଚର ଜଲ୍‌ସା ୟୋମେ ମସିହ ମଉଦ ଆ:ସ ଅନୁଷ୍ଠିତ ହୋଇନପାରେ । ଏଣୁ ମୋର ଖୁତ୍‌ବା ବ୍ୟତିତ ଏମ୍‌ଟିଏରେ ମଧ୍ୟ ଏହି ଦିବସରେ କେତେକ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ସୁତରାଂ ପ୍ରତ୍ୟେକ ଅହେମଦୀଙ୍କୁ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ନିଜ ଘରେ ନିଜ ସନ୍ତାନମାନଙ୍କ ସହିତ ଦେଖିବା ଓ ଶୁଣିବା ଉଚିତ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ହଜ୍‌ରତ୍ ମହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦାସତ୍ୱରେ ତାଙ୍କରି ମିଶନ୍‌କୁ ଆଗେଇ ନେବାପାଇଁ ତଥା ହଜୁର ସ:ଆ:ସଙ୍କ ଧର୍ମକୁ ସଂସାରରେ ପ୍ରସାରିତ କରିବା ପାଇଁ ଆର୍ବିଭାବ ହୋଇଥିଲେ । ସୁତରାଂ ଏକ ସ୍ଥାନରେ ହଜୁର ଆ:ସ କୁହନ୍ତି:-

"ମୁଁ ସ୍ପଷ୍ଟରୂପେ କହୁଅଛି ଏବଂ ତାହାହିଁ ମୋର ବିଶ୍ୱାସ, ଆସ୍ଥା ଏବଂ ଧର୍ମ ଅଟେ ଯେ ହଜୁର ସ:ଆ:ସଙ୍କ ଅନୁକରଣ ଓ ତାଙ୍କର ପଦାଙ୍କ ଅନୁସରଣ କରିବା ବ୍ୟତିତ କୌଣସି ମନୁଷ୍ୟ ଆଧ୍ୟାତ୍ମିକ ଯଶ ବା କିର୍ତୀ ଏବଂ ଅନୁକମ୍ପା ପ୍ରାପ୍ତ କରିପାରିବ ନାହିଁ" ।

*(ଲେକ୍ଚର ଲୁଧିୟାନା ରୁହାନି ଖଜାଇନ୍ ଖଣ୍ଡ-୨୦, ପୃ-୨୬୭)*

ହଜ୍‌ରତ୍ ମସିହ ମଉଦ୍ ଆ:ସ କହନ୍ତି, ଆପଣ ହଜୁର ସ:ଆ:ସଙ୍କଠାରୁ ଯେଉଁ ଆଧ୍ୟାତ୍ମିକ କୃପା ଲାଭ କରିଥିଲେ ତାହାର ଫଳ ସ୍ୱରୁପ ଅଲ୍ଲାଃ ତାଲା ଆପଣଙ୍କୁ ସଂସାର ସୁଧାର ନିମନ୍ତେ ତଥା ତା'ର ସଂସ୍କାର ନିମନ୍ତେ ମନୋନିତ କଲେ । ଇସ୍‌ଲାମ୍‌ର ଭବ୍ୟତା ଓ ବୈଶିଷ୍ଟ୍ୟକୁ ପୂର୍ନବାର ସଂସାରରେ ପ୍ରତିଷ୍ଠା କରିବା ନିମନ୍ତେ ପ୍ରେରଣ କରିଥିଲେ ।

ଅତଏବ ଆପଣ ଗୋଟିଏ ସ୍ଥାନରେ କୁହନ୍ତି, **ଓ୍ୱ ଅର୍‌ସଲନି ରବ୍‌ବି ଲିଇସଲାହି ଖଲ୍‌କି ହି ।** ଅର୍ଥାତ ପରମେଶ୍ୱର ମତେ ସୃଷ୍ଟିର ସୁଧାର ନିମନ୍ତେ ପ୍ରେରଣ କରିଛନ୍ତି ।

*(ଏଜାଜେ ଅହେମଦୀ ଜମିମା ନୁଜୁଲୁଲ୍ ମସହି ରୁହାନୀ ଖଜାଇନ୍ ଖଣ୍ଡ-୧୯,ପୃ-୧୭୮)*

ମୁଁ ଏହାକୁ ବାରମ୍ବାର ବର୍ଣ୍ଣନା କରିବି ଏବଂ ଏହାକୁ ପରିପ୍ରକାଶ କରିବା ବ୍ୟତିତ ଅଟକି ରହିପାରିବି ନାହିଁ ଯେ ମୁଁ ସେହି ବ୍ୟକ୍ତି ଅଟେ ଯିଏ ଉପଯୁକ୍ତ ସମୟରେ ମାନବଜାତିର ସଂସ୍କାର ଓ ସୁଧାର ନିମନ୍ତେ ପ୍ରେରଣ ହୋଇଛି । ଫଳତଃ ଧର୍ମକୁ ସଦ୍ୟ କରି ବା ନୁତନ ରୂପେ ଲୋକମାନଙ୍କ ମଧ୍ୟରେ ସ୍ଥାପିତ କରିଦିଆଯାଉ । ମୁଁ ଏହିପରି ଭାବରେ ପ୍ରେରିତ ହୋଇଅଛି ଯେପରି ସେହି ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ବକ୍ତା ତଥା ଅଲ୍ଲାଃ ତାଲାଙ୍କର ବୀର ପୂରୁଷମାନେ ପ୍ରେରିତ ହୋଇଥିଲେ, ଯାହାଙ୍କ ଆତ୍ମା ହେରୋଡ଼େଟସ୍ ଶାସନକାଳରେ ଅତ୍ୟନ୍ତ ଦୁଃଖ ଯନ୍ତ୍ରଣା ପରେ ଆକାଶ ଆଡ଼କୁ ଉଠାଇ ନିଆଯାଇଥିଲା" ।

*(ଫତହ୍ ଇସ୍‌ଲାମ୍ ରୁହାନି ଖଜାଇନ୍ ଖଣ୍ଡ-୩, ପୃ-୭-୮)*

ପୁନଶ୍ଚ ଯେଉଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆଗମନର ହଜୁର ସ:ଆ:ସ ଯେଉଁ ଭବିଷ୍ୟବାଣୀ କରିଥିଲେ । ତାହାର ଘୋଷଣା କରି ଆପଣ କୁହନ୍ତି, ଆଗମାନକାରୀ ବିଧି ମୁତାବକ ଧାର୍ଯ୍ୟ ସମୟରେ ଆବିର୍ଭାବ ହେଲେ

"ଅତଏବ ହେ ଭାଇମାନେ! ତୁମମାନଙ୍କୁ ପ୍ରଭୁଙ୍କ ରାଣ ଜୋର ଜବରଦସ୍ତି କରନାହିଁ ଏହା ବିଧିର ବିଧାନ ଥିଲା ଅର୍ଥାତ ମୁଁ ଯେଉଁକଥା କହୁଅଛି ଯାହା ସଂକ୍ରାନ୍ତରେ ତୁମେ ଭ୍ରାନ୍ତ ଧାରଣା ପୋଷଣ କରିବସିଛ । ଯଦି ତୁମେମାନେ ପୂର୍ବରୁ ସତ୍‌ପଥରେ ପ୍ରତିଷ୍ଠିତ ଥାଆନ୍ତ, ତେବେ ମୋର ଆସିବାର ଆବଶ୍ୟକତା ହିଁ କ'ଣ ଥିଲା ମୁଁ ଆଗରୁ ମଧ୍ୟ କହିସାରିଛି ଯେ ମୁଁ ଏହି ସମ୍ପ୍ରଦାୟର ସୁଧାର ନିମନ୍ତେ ଇବ୍‌ନେ ମରିୟମ ସଦୃଶ ଅଟେ, ଯେପରି ଇବ୍‌ନେ ମରିୟମ ଇହୁଦୀମାନଙ୍କ ସୁଧାର ନିମନ୍ତେ ଆସିଥିଲେ । ସେହିପରି ମୁଁ ଆସିଅଛି ସେଥିଯୋଗୁଁ ମୁଁ ତାଙ୍କର ମସିଲ୍ ଅର୍ଥାତ ଅନୁରୁପ ଅଟେ । ମୋ ଉପରେ ମଧ୍ୟ ସେହି ରକମର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ମସିହ ଆସି ଇହୁଦୀମାନଙ୍କୁ ଅନେକ ଭୁଲ୍ ଓ ଭ୍ରାନ୍ତ ତଥା ଭିତିହିନ ମନଗଢ଼ା ପ୍ରଥାରୁ ଉଧାର କରିଥିଲେ । ଏଥି ସହିତ ଯେପରି ଇହୁଦୀମାନେ ଇଲିଆ ନବୀ ପୂର୍ନବାର ସଂସାରକୁ ଆସିବାର ଆଶା ବାନ୍ଧି ବସିଥିଲେ । ସେହିପରି ଆଜିକାଲି ମୁସଲମାନମାନେ ମସିହ୍ ଇବ୍‌ନେ ମରିୟମଙ୍କର ବାଟ ଚାହିଁ ବସିଛନ୍ତି ଯେପରି ସେତେବେଳେ ମସିହ ସେମାନଙ୍କୁ କହିଥିଲେ ଯେ, ଇଲିଆ ନବୀ ଆଉ ଆବିର୍ଭାବ ହେବେ ନାହିଁ । ବରଂ ଜକରିୟା ଆଲୈହିମ୍ ସଲାମଙ୍କ ପୁତ୍ର ୟହିହା ହିଁ ଇଲିଆ ଅଟନ୍ତି । ଯାହାର ବିଶ୍ୱାସ କରିବାର ଅଛି ସେ ବିଶ୍ୱାସ କରିନେଉ । କିନ୍ତୁ ଇହୁଦୀମାନେ ତାଙ୍କୁ ନାସ୍ତିକବାଦ ଓ ଧର୍ମଛଡ଼ା ଅମାନ୍ୟକାରୀ ଘୋଷିତ କରିଥିଲେ । ବସ୍ତୁତ୍ୱ ସତ୍ୟ ହିଁ ଶେଷରେ ପ୍ରକାଶ ପାଇଲା । ଏହି ଅବସ୍ଥା ତାଙ୍କ ମସିଲ୍‌ର ମଧ୍ୟ ହେଲା ଓ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପରି ତାଙ୍କୁ ମଧ୍ୟ ନାସ୍ତିକବାଦୀ ଆଖ୍ୟା ଦିଆଗଲା । କ'ଣ ଏହା ସର୍ବଶ୍ରେଷ୍ଠ ସ୍ତରର ସାଦୃଶ୍ୟ ନୁହେଁ" ।

*(ଅଜାଲାଏ ଅଓହାମ୍ ଭାଗ-୨, ରୁହାନୀ ଖଜାଇନ୍ ଖଣ୍ଡ-୩, ପୃ-୩୯୪)*

ଏବଂ କେବଳ ମୁସଲମାନମାନଙ୍କ ପାଇଁ ନୁହେଁ ବରଂ ହଜ୍‌ରତ୍ ମସିହ ମଉଦ୍ ଆ:ସ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଧର୍ମକୁ ନିଜ ଆବିର୍ଭାବ ହେବାର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ସୁତରାଂ ଏକ ସ୍ଥାନରେ ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି:-

ଏତଦ୍ୱାରା ଏହା ମଧ୍ୟ ସ୍ପଷ୍ଟ ହେଉଛି ମୋର ଏହି ଯୁଗରେ ଅଲ୍ଲାଃ ତାଲାଙ୍କ ତରଫରୁ ଆଗମନ ହେବା କେବଳ ସଂସ୍କାର ନିମନ୍ତେ ନୁହେଁ ବରଂ ମୁସଲମାନ ଓ ହିନ୍ଦୁ ଓ ଖ୍ରୀଷ୍ଟଧର୍ମାଲମ୍ବୀମାନଙ୍କ ପରି ତିନି ଜାତିର ସଂସ୍କାର ନିମନ୍ତେ ଆବିର୍ଭାବ ହେବା ଧାର୍ଯ୍ୟ ଥିଲା ଏବଂ ଯେପରି କି ଅଲ୍ଲାଃ ତାଲା ମତେ ମୁସଲମାନ ଓ ଖ୍ରୀଷ୍ଟଧର୍ମାଲମ୍ବୀଙ୍କ ପାଇଁ ମସିହ ମଉଦ କରି ପ୍ରେରଣ କରିଛନ୍ତି । ସେହିପରି ମୁଁ ହିନ୍ଦୁମାନଙ୍କ ନିମନ୍ତେ ଅବତାରରୂପେ ଆର୍ବିଭୁତ ହୋଇ ଅଛି ଏବଂ ବିଗତ ୨୦ ବର୍ଷ ଧରି କିମ୍ବା ତଦୁର୍ଦ୍ଧ ବର୍ଷ ହେଲା ଉକ୍ତ କଥାକୁ ପ୍ରଚାର କରୁଅଛି ଯେ, ମୁଁ ସେହି ପାପକୁ ଦୁରିଭୁତ କରିବାପାଇଁ ଆଗମନ କରିଅଛି, ଯେଉଁ ପାପର ମର୍ତ୍ୟ ମଣ୍ଡଳ ଲିପ୍ତ ରହିଥିଲା ଯେପରି ମସିହ ଇବ୍‌ନେ ମରିୟମ୍ ଅର୍ଥାତ ହଜ୍‌ରତ୍ ମସିହ୍ ଆ:ସ, ହଜ୍‌ରତ୍ ମରିୟମ ଆ:ସଙ୍କ ପୁତ୍ର ଯିଶୁଙ୍କ ରଙ୍ଗରେ ରଙ୍ଗିନ ହୋଇଅଛି, ସେହିପରି ରାଜା କୃଷ୍ଣଙ୍କର ରୂପେର ମୁଁ ଆର୍ବିଭୁତ ହୋଇଅଛି ଯିଏ କି, ସମଗ୍ର ହିନ୍ଦୁଧର୍ମର ଅବତାରମାନଙ୍କ ମଧ୍ୟରୁ ଜଣେ ଶ୍ରେଷ୍ଠ ତଥା ଯୁଗାବତାର ଥିଲେ । ଅଥବା ଏହିପରି କହିବା ଉଚିତ ଯେ ଆଧ୍ୟାତ୍ମିକ ବାସ୍ତବତା ଦୃଷ୍ଟିକୋଣରୁ ମୁଁ ସେହି ନବୀ ଅଟେ । ଏହା ମୋର କୌଣସି ମାନସିକ ଧାରଣା ମନ୍ତବ୍ୟ ନୁହେଁ ବରଂ ସେହି ସର୍ବଶକ୍ତିମାନ ସ୍ରଷ୍ଟା ଯିଏ ଆକାଶ ଓ ପାତାଳର ପ୍ରଭୁ ସେହିଁ ମୋ ଉପରେ ଏହା ପ୍ରକାଶ କରିଛନ୍ତି ଏବଂ ଥରେ ନୁହେଁ ବରଂ ଅନେକଥର ମତେ କହିଲେ ଯେ, ତୁମେ ହିନ୍ଦୁମାନଙ୍କ ପାଇଁ କୃଷ୍ଣ ତଥା ମୁସଲମାନ, ଇସାଇ ମାନଙ୍କ ପାଇଁ ମସିହ ମଉଦ । ମୁଁ ଜାଣେ ମୂର୍ଖ ମୁସଲମାନମାନେ ଏହା ଶୁଣିବାମାତ୍ରେ କହି ଉଠିବେ । ଇଏ ଜଣେ କାଫିର୍ ନାମ ନେଇ ପ୍ରକାଶ୍ୟରେ ଅମାନ୍ୟକାରୀ ହେବାର ସ୍ୱୀକାର କରିନେଇଛି କିନ୍ତୁ ମନେରଖ ଏହା ପ୍ରଭୁଙ୍କ ଐଶିବାଣୀ ଯାହା ପ୍ରକାଶ କରିବାରୁ ମୁଁ ନିବୃତ ରହିବି ନାହିଁ ଏବଂ ଆଜି ପ୍ରଥମଦିନ ଏପରି ବଡ଼ ଧରଣର ସମାଗମରେ ମୁଁ ଏକଥା କହୁଅଛି କାରଣ ଯେ ପରମେଶ୍ୱରଙ୍କ ତରଫରୁ ଆସିଥାଏ ।ସେ କୌଣସି ଅଭିଷାପ, ନିନ୍ଦା ଏବଂ ଅପବାଦକୁ ଭୟ କରିନଥାଏ ।

*(ଲେକ୍ଚର ସିଆଲ୍‌କୋଟ ରୁହାନି ଖଜାଇନ୍ ଖଣ୍ଡ-୨୦, ପୃ-୨୨୮)*

ଏକଥା ଆପଣ ସିଆଲକୋଟ୍‌ରେ ଏକ ଭାଷଣ ପରିବେଷଣ କରି ପ୍ରକାଶ କରିଥିଲେ । ଯେଉଁଠାରେ ମୁସଲମାନ ଓ ହିନ୍ଦୁଧର୍ମାଲମ୍ବୀମାନଙ୍କର ବହୁତ ବଡ଼ ଜନସମାଗମ ଏକତ୍ରୀତ ହୋଇଥିଲା ।

ପୁନଶ୍ଚ ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜ ଆର୍ବିଭାବ ହେବାର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରି କହନ୍ତି:-

ମନୁଷ୍ୟ ଅଲ୍ଲାଃ ତାଲାଙ୍କର ଯେକୌଣସି ଆଦେଶରେ ଅବଜ୍ଞା କରିଥାଏ ସେଗୁଡ଼ିକ ତାହାପାଇଁ ପାପର କାରଣ ପାଲଟି ଯାଇଥାଏ । ଯେତେବେଳେ ଜଣେ ସାମାନ୍ୟ ସୈନିକ ସରକାରଙ୍କ ନିକଟରୁ କୌଣସି ଆଦେଶ ପତ୍ର ବହନ କରିଆସିଥାଏ, ସେତେବେଳେ ଉକ୍ତ ଆଦେଶକୁ ଅବଜ୍ଞା କରୁଥିବା ବ୍ୟକ୍ତିକୁ ଦୋଷୀ ବୋଲି କୁହାଯାଇଥାଏ ଏବଂ ସେ ଶାସ୍ତି ପାଇଥାଏ । ତେଣୁ ଯଦି ଜଣେ ସାଂସାରିକ ତଥା ଭୌତିକ ହାକିମ୍‌ଙ୍କର ଏପରି ସ୍ଥିତାବସ୍ଥା ରହିଛି ତେବେ ଅହକମୁଲ୍ ହାକ୍‌ମିନ୍ (ଅର୍ଥାତ ସମସ୍ତ ହାକିମଙ୍କଠାରୁ ବଡ଼ ହାକିମ)ଙ୍କ ତରଫରୁ ଆସିଥିବା ସୁଧାରକଙ୍କ ହୈୟ ମନେ କରିବା ଅଲ୍ଲାଃ ତାଲାଙ୍କ ପ୍ରତି କେତେବଡ଼ ଅବଜ୍ଞା ହେବ । ଅଲ୍ଲାଃ ତାଲା ସ୍ୱାଭିମାନୀ ସେ ଏହି ଉଦ୍ଦେଶ୍ୟ ଅନୁଯାୟୀ ଆବଶ୍ୟକ ସମୟରେ ବିଗିଡ଼ି ଯାଇଥିବା ଶତାବ୍ଦୀର ଶିର୍ଷରେ ଜଣେ ଯୁଗାବତାରଙ୍କୁ ପ୍ରେରଣ କଲେ କାରଣ ସେ ଆସି ଲୋକମାନଙ୍କୁ ସତ୍‌ମାର୍ଗ ଆଡ଼କୁ ମାର୍ଗଦର୍ଶନ କରନ୍ତୁ । ଅଲ୍ଲାଃ ତାଲାଙ୍କ ସମସ୍ତ ନିୟମାବଳୀକୁ ପାଦ ତଳେ ଦଳିବା ଏକ ବହୁତ ବଡ଼ ଅପରାଧ ତଥା ପାପ ଅଟେ'' ।

ମଣିଷର ବୁଦ୍ଧିଶକ୍ତି ପରମେଶ୍ୱରଙ୍କ ବିଧାନ ସହିତ ମିଳିତ ହୋଇପାରିବ ନାହିଁ । ମଣିଷ ନିମିତମାତ୍ର କ'ଣ ସେ ପ୍ରଭୁଙ୍କ ବିଧାନଠାରୁ ଅଧିକ ବୁଝାମଣା ରଖିବାର ଦାବି କରିବ । ବର୍ତମାନ ଏହା ପ୍ରଭୁଙ୍କ ପରିବର୍ତିତ ଓ ଉଜ୍ଜଳମୟ ବିଧାନ'' । ଆପଣ କହିଲେ ଇସ୍‌ଲାମରେ ପ୍ରଥମେ ଜଣେ ସ୍ୱଧର୍ମ ତ୍ୟାଗ କଲେ ଏକ ଉନ୍ମାଦନ ସୃଷ୍ଟି ହୋଇ ଯାଉଥିଲା କିନ୍ତୁ ବର୍ତମାନ ଇସ୍‌ଲାମକୁ ଏଭଳି ପାଦତଳେ ଦଳିତଲାନ୍ତ ଓ ଚକଟି ଦିଆଯାଉଛି କି ବର୍ତମାନ ଏକ ଲକ୍ଷ ଲୋକ ସ୍ୱଧର୍ମ ତ୍ୟାଗ କରିସାରିଲେଣି ଅର୍ଥାତ ମୁସଲମାନ । ଆପଣ ଆହୁରି କହିଲେ ଇସ୍‌ଲାମ ଭଳି ପବିତ୍ରମୟ ଧର୍ମ ଉପରେ ଏଭଳି ଆକ୍ରମଣ କରାଯାଇଛି । ଇସ୍‌ଲାମ ବିରୋଧରେ ଯାହା କିଛି ପ୍ରକାଶିତ ହେଉଅଛି ଯଦି ସେଗୁଡିକୁ ଏକତ୍ରିତ କରାଯାଏ ତେବେ ତାହା ଏକ ଉଚ୍ଚ ପର୍ବତ ହୋଇଯିବ । ମୁସଲମାନମାନଙ୍କ ଏହି ଅବସ୍ଥା ରହିଛି ଯେପରି ସେମାନଙ୍କ ଶରୀରରେ ଜୀବନ ହିଁ ନାହିଁ । ସେମାନେ ନିର୍ଜିବ ପାଲଟି ଯାଇଛନ୍ତି ଏବଂ ସମସ୍ତେ ମୃତ୍ୟୁବରଣ କରିସାରିଛନ୍ତି ଯଦି ବର୍ତମାନ ଅଲ୍ଲାଃ ତାଲା ଚୁପ ହୋଇ ବସିପଡ଼ିବେ ତେବେ କେଜାଣି କ'ଣ ଅବସ୍ଥା ହେବ । ଅଲ୍ଲାଃ ତାଲାଙ୍କ ଗୋଟିଏ ଆକ୍ରମଣ ମୁନଷ୍ୟର ହଜାର ଆକ୍ରମଣ ଅପେକ୍ଷା ଅଧିକ ଶ୍ରେୟସ୍କର ଏବଂ ତାହା ଏହା ଅଟେ ଯେ, ଅଲ୍ଲାଃ ତାଲାଙ୍କ ଉକ୍ତ ଆକ୍ରମଣ ଦ୍ୱାରା ଯେପରି ଧର୍ମର ସଂସ୍ଥାପନା ହେବ । ଇସ୍‌ଲାମ୍‌ରେ ଇସାଇମାନେ ୧୯୦୦ ବର୍ଷ ହେଲା ଚିତ୍କାର କରୁଛନ୍ତି କି, ଇସା ପରମେଶ୍ୱର ଅଟନ୍ତି ଏବଂ ତାଙ୍କ ଧର୍ମ ବର୍ତମାନ ସୁଧା ପ୍ରସାର ଲାଭ କରିଚାଲିଛି । ପୁଣି ମୁସଲମାନମାନେ ସେମାନଙ୍କୁ ଆହୁରି ସାହାଯ୍ୟ କରିଚାଲିଛନ୍ତି । ଇସାଇମାନଙ୍କ ହସ୍ତରେ ବଡ଼ ଅସ୍ତ୍ର ଏହା ଅଛି କି, ମସିହ ଜୀବିତ ଅଛନ୍ତି ଏବଂ ତୁମ ନବୀ ନବୀଶ୍ରେଷ୍ଠ, ନବୀ ସିରୋମଣୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମୃତ୍ୟୁବରଣ କରିସାରିଛନ୍ତି । ଦେଖ ଲାହୋରରେ ଲର୍ଡ଼ବିସପ ଏହି ବିରାଟ ଜନସମାଗମରେ ଏହି କଥା ଉପସ୍ଥାପନ କରିଥିଲା ଏବଂ କୌଣସି ମୁସଲମାନ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ତାହାର ଉତର ଦେଇପାରି ନଥିଲେ କିନ୍ତୁ ଆମ ଯମାତ୍‌ର ମୁଫ୍‌ତି ମୁହମ୍ମଦ ସାଦିକ୍ ସାହାବ, ଯେ ସେଠାରେ ଉପସ୍ଥିତ ଥିଲେ ଉଠିଲେ ଏବଂ କୋରାନ୍, ହଦୀସ, ଇତିହାସ, ଇଞ୍ଜିଲ୍ ଆଦିରୁ ପ୍ରମାଣ କରିଦେଲେ ଯେ, ହଜ୍‌ରତ୍ ଇସା ମୃତ୍ୟୁବରଣ କରିସାରିଛନ୍ତି ଏବଂ ଆମ ନବୀ ହଜ୍‌ରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଜୀବିତ ଅଛନ୍ତି କାରଣ ତାଙ୍କରିଠାରୁ ହିଁ କୃପା ହାସଲ କରି ଚମତ୍କାର ଓ ନିଦର୍ଶନ ପଦର୍ଶନକାରୀ ସର୍ବଦା ଉପସ୍ଥିତ ଅଛନ୍ତି । ସେତେବେଳେ ସେ ଏହାର କୌଣସି ଉତର ଦେଇପାରିନଥିଲା ଅର୍ଥାତ ଉକ୍ତ ବିସ୍‌ପ ଆପଣ କୁହନ୍ତି ଏକଦା ଲୁଧିଆନାରେ ମୁଁ ଇସାଇମାନଙ୍କ ବିଜ୍ଞାପନ ଦେଖିଥିଲି କି, ତୁମ ଆଉ ଆମ ମଧ୍ୟରେ ବେଶ୍ ଅଧିକ କିଛି ମତ ପାର୍ଥକ୍ୟ ନାହିଁ ମାତ୍ର ଏତିକି ଯେ, ତୁମେ ଏହା ସ୍ୱୀକାର କରିନିଅ ଯେ ଇସା ମୃତ୍ୟୁବରଣ କରିସାରିଛନ୍ତି ଓ ଆକାଶ ମାର୍ଗକୁ ଯାଇନାହାନ୍ତି । ଏଥିରେ ସେମାନେ ବହୁତ ଉକ୍ଷିପ୍ତ ହୋଇ ଉଠିଲେ କି ଯଦି ଆମେ ଆପଣଙ୍କ କଥା ସ୍ୱୀକାର କରିନେଉ ତେବେ ବିଶ୍ୱରେ ଜଣେ ହେଲେ ମଧ୍ୟ ଇସାଇ ବାକି ରହିବେ ନାହିଁ ।

ଆପଣ ଅଧିକନ୍ତୁ କହିଲେ ଦେଖ ପରମେଶ୍ୱର ସର୍ବଜ୍ଞ ଓ ତତ୍ୱଜ୍ଞ ସେ ଏଭଳି ପ୍ରଥା ଅବଲମ୍ବନ କରିବେ ଯେ ଶତ୍ରୁ ଧ୍ୱଂସ ହୋଇଯିବ ମୁସଲମାନମାନେ ଏହି ମାମଲାରେ କାହିଁକି ବିରୁଦ୍ଧାଚରଣ କରୁଛନ୍ତି କଣ ଇସା ହଜୁର ସ:ଆ:ସଙ୍କଠାରୁ ଶ୍ରେଷ୍ଠ ? ଯଦି ମୋ ସହ ଶତୃତା ଅଛି ତେବେ ଏଥିରେ ସୀମା ଉଲଙ୍ଘନ କରନାହିଁ ଏବଂ ସେହି କାର୍ଯ୍ୟ କରନାହିଁ ଯାହା କି ଇସଲାମକୁ କ୍ଷତି ପହଂଚାଇବ । ପ୍ରଭୁ ନିରର୍ଥକ ମାର୍ଗ ଅବଲମ୍ବନ କରିନଥାନ୍ତି ଏବଂ ଏହି ପାର୍ଶ୍ୱକୁ ଛାଡ଼ି ଦେଲେ ତୁମେ ସଲିବ୍‌କୁଭାଙ୍ଗିପାରିବ ନାହିଁ । *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୧୭୪-୧୭୫)*

ଆଉ ଏକ ସ୍ଥାନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରନ୍ତି । ସେହି କାର୍ଯ୍ୟ ଯାହାର ସମ୍ପାଦନ ନିମନ୍ତେ ପ୍ରଭୁ ମତେ ଆଦେଶ ଦେଇଛନ୍ତି ତାହା ଏହା କି ଯେ ପରମେଶ୍ୱର ଓ ତାଙ୍କ ସୃଷ୍ଟିର ସମ୍ପର୍କରେ ଯେଉଁ ଦ୍ୱେଷର ପାଚେରି ଛିଡ଼ା ହୋଇଯାଇଛି ତାହାକୁ ଦୂର କରି ପ୍ରେମ ଓ ନିଷ୍ଠାର ସମ୍ପର୍କକୁ ପୁନର୍ବାର ଓ ପୁନଃସ୍ଥାପନ କରିବି ଏବଂ ସତ୍ୟର ପ୍ରକାଶ କରି ଧାର୍ମିକ ଯୁଦ୍ଧକୁ ସମାପ୍ତ କରି ସନ୍ଧିର ଭିର୍ତିସ୍ଥାପନ କରିବି ଏବଂ ସେହି ଧାର୍ମିକ ସତ୍ୟତା ଯାହାକି ସଂସାରର ଚକ୍ଷୁରୁ ଲୁଚି ରହିଯାଇଛି ତାହା ସେମାନଙ୍କୁ ଅବଲୋକନ କରାଇବି ଏବଂ ସେହି ଆଧାତ୍ମିକତା ଯାହାକି କାମନାର ଅନ୍ଧକାର ତଳେ ଦବି ରହିଯାଇଛି ତାହାର ନମୁନା ପ୍ରଦର୍ଶନ କରିବି । ପ୍ରଭୁଙ୍କ ସେହି ଶକ୍ତି ଯାହା କି ମନୁଷ୍ୟର ଅଭ୍ୟନ୍ତରଣରେ ପ୍ରବେଶ କରି ଧ୍ୟାନ ଆକର୍ଷିତ ଓ ଦୁଆ ମାଧମରେ ବିଦ୍ୟମାନ ହୁଏ ତାହା ଆଚରଣ ଦ୍ୱାରା ନା କି କେବଳ ବଡ଼ ବଡ଼ କଥା ବଖାଣିବାରେ ମୁଁ ତାହା ଦେଖେଇବି । ସବୁଠାରୁ ବଳି ଏହି କି ଯେ, ନିର୍ମଳ ଓ ଉଜ୍ଜଳିତ ଏକଶ୍ୱରବାଦ ଯାହାକି ସମସ୍ତ କିସମର ଶିର୍କର ମିଶ୍ରଣରୁ ପବିତ୍ର ଯାହାକି ବର୍ତମାନ ଭୁପୃଷ୍ଠରୁ ଉଭେଇ ଯାଇଛି ତାହାକୁ ପୁନର୍ବାର ଇସଲାମରେ ବପନ କରିଦେବି ଏବଂ ଏ ସବୁକିଛି ମୋ ସାମର୍ଥ୍ୟ ବଳରେ ସମ୍ପନ୍ନ ହେବନାହିଁ ବରଂ ସେହି ଐଶ୍ୱରର୍ଯ୍ୟମୟ ପ୍ରଭୁଙ୍କ ଶକ୍ତିଦ୍ୱାରା ହେବ ଯାହା ଆକାଶ ଏବଂ ପୃଥିବୀର ସ୍ରଷ୍ଟା ମୁଁ ଦେଖୁଅଛି ଯେ, ଗୋଟିଏ ପାର୍ଶ୍ୱରେ ସେ ପ୍ରଭୁ ମୋର ପ୍ରଶିକ୍ଷଣ ପାଇଁ ଛିଡ଼ା ହୋଇଛନ୍ତି ଓ ମତେ ନିଜ ଐଶିବାଣୀ ପ୍ରଦାନ କରି ମୋ ହୃଦୟରେ ଉତ୍ସାହ ଜାଗ୍ରତ କରିଛନ୍ତି କି ମୁଁ ଏପରି ସୁଧାର କାର୍ଯ୍ୟ ପାଇଁ ନିଜ ଅଂଟା ଭିଡ଼ିନିଏ ଏବଂ ଅନ୍ୟ ପାର୍ଶ୍ୱରେ ସେ ଏପରି ହୃଦୟ ପ୍ରସ୍ତୁତ କରିଚାଲିଛନ୍ତି ଯେ, ମୋ କଥା ସ୍ୱୀକାର କରିବାପାଇଁ ଆଗଭର ରହିଛନ୍ତି ମୁଁ ଦେଖୁଅଛି ଯେବେଠାରୁ ସେ ମୋତେ ସଂସାର ବାସୀଙ୍କ ପାଇଁ ମାମୁର୍ ଅର୍ଥାତ ସଂସ୍କାରକ ରୂପେ ପ୍ରେରଣ କରିଛନ୍ତି ସେତେବେଳଠାରୁ ସଂସାରରେ ଏକ ମହାନ୍ ବିପ୍ଳବ ଆରମ୍ଭ ହୋଇଯାଇଛି । *(ଲେକ୍‌ଚର ଲାହୋର୍ ରୁହାନି ଖଜାଇନ୍ ଖଣ୍ଡ-୨୦, ପୃ-୧୮୦-୧୮୧)*

ଏହା ଆପଣ ଲାହୋରଠାରେ ଏକ ଭାଷଣରେ ଦର୍ଶାଇ ଥିଲେ । ପୁନଶ୍ଚ ପ୍ରଭୁ ନିଜ ଦୟାର ପ୍ରକାଶ ଓ ଭକ୍ତଗଣଙ୍କୁ ରକ୍ଷା କରିବା ନିମନ୍ତେ ନିଜ ପ୍ରୀୟ ଓ ସୁଧାରକ ପ୍ରେରଣ କରିଥାନ୍ତି ଏଥି ସମ୍ବନ୍ଧରେ କୁହନ୍ତି:-

ସମଗ୍ର ଜଗତର ପାଳନକର୍ତା ଅଲ୍ଲାଃଙ୍କର ଏହା ଅଟଳ ନିୟମ ଯେ ଯେତେବେଳେ ସଂସାରରେ କୌଣସି ଜାତି ତା'ର ଅନ୍ତିମ ଚରଣ ଓ ଅତ୍ୟାଚାର ଶେଷ ସୀମାରେ ପଂହଚି ଯାଏ ସେତେବେଳେ ପ୍ରଭୁଙ୍କ ଦୟା ତାହାକୁ ଦୂର କରିବା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ । ଯେପରି ଭୟଙ୍କର ଦୁର୍ଭିକ୍ଷ ପଡ଼ି ସୃଷ୍ଟି ସମ୍ପୁର୍ଣ୍ଣରୂପେ ଧ୍ୱସଂ ପାଇବା ମୁଖରେ ପହଂଚିବା ବେଳକୁ ନିରାମୟ ପ୍ରଭୁ ଶେଷରେ ମେଘମାଳା ନେଇ ଆସି ବର୍ଷା କରାଇଥାନ୍ତି ଏବଂ ମହାମାରୀ ଦ୍ୱାରା ଲକ୍ଷାଧିକ ଲୋକ ନିପାତ ହେଲା ବେଳକୁ ନବଜାଗରଣର ଏକ ମଳୟ ଓ ମୃଦୁ ପବନ ବହି ଦେଇଥାନ୍ତି ଏବଂ ଯେତେବେଳେ କୌଣସି ଅତ୍ୟାଚାରୀର କବଳରେ କୌଣସି ଗୋଷ୍ଠୀ କବଳିତ ହୋଇଥାଏ ସେତେବେଳେ କୌଣସି ନ୍ୟାୟ ସିଦ୍ଧ ଓ କଷ୍ଟ ଲାଘବକାରୀ ବ୍ୟକ୍ତି ବିଶେଷ ଜନ୍ମଗ୍ରହଣ କରିଥାଏ । ଅତଃ ସେହପରି ଯେତେବେଳେ ଲୋକେ ପ୍ରଭୁଙ୍କ ମାର୍ଗ ଭୁଲି ଏକଶ୍ୱରବାଦ ଓ ନିଜ ସ୍ରଷ୍ଟାର ଉପାସନାରୁ ବିମୁଖ ହୋଇଥାନ୍ତି ସେତେବେଳେ ଐଶ୍ୱରର୍ଯ୍ୟମୟ ପରମେଶ୍ୱର ନିଜ ତରଫରୁ କୌଣସି ଭକ୍ତକୁ ପୂନଃ ଉଜ୍ଜଳମୟ ଚକ୍ଷୁ ପ୍ରଦାନ କରି ନିଜ ବାଣୀ ଓ ଦିବ୍ୟଶକ୍ତିରେ ବିମଣ୍ଡିତ କରି ମାନବଜାତିର ଉଦ୍ଧାର ନିମନ୍ତେ ପ୍ରେରଣ କରିଥାନ୍ତି କି ଯେଉଁ ସମସ୍ତ କୁସଂସ୍କାର ଓ କୁକର୍ମ ପରିବ୍ୟାପ୍ତ ହୋଇଯାଇଛି ତାହାର ସୁଧାର କରିବେ । ଏଥିରେ ପ୍ରକୃତ ଉଦ୍ଦେଶ୍ୟ ସେହି ସର୍ବଶକ୍ତିମାନ ପ୍ରଭୁ ଯେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଚିରଞ୍ଜିବି ଉପାଶ୍ୟ ଓ ତାଙ୍କ ଦ୍ୱାରା ସମଗ୍ର ଜୀବଜଗତ ତିଷ୍ଠି ରହିଅଛି । ସେ ହିଁ ଏକା ସମସ୍ତଙ୍କର ସାହାଭରଷା ସେ ଜଣେ ବାର୍ତାବହକ ପ୍ରେରଣ କରିବାରୁ ବିଚ୍ୟୁତ ହୋଇନଥାନ୍ତି ଏବଂ ନା ସେ ନିଜ ସୃଷ୍ଟିକୁ ବେସାହାରା ଛାଡ଼ିଦେଇଥାନ୍ତି ବରଂ ତାଙ୍କର ପ୍ରତ୍ୟେକ ସୁଗୁଣ ଉଚିତ ସମୟରେ ଓ ଯଥା ସ୍ଥାନରେ ପ୍ରକାଶ ପାଇଥାଏ ।

*(ବରାହିନେ ଅହମଦିୟା ଭାଗ-୨ ରୁହାନି ଖଜାଇନ ଖଣ୍ଡ-୧, ପୃ-୧୧୩-୧୧୪ ବାକି ହାଶିୟା ନଂ ୧୦)*

ପୁନଶ୍ଚ ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ସେହି ବ୍ୟକ୍ତି ଅତି ଭାଗ୍ୟବାନ ଓ ମୁବାରକ୍ ଯାହାର ହୃଦୟ ପବିତ୍ର ଏବଂ ଅଲ୍ଲାଃ ତାଲାଙ୍କ ମର୍ଯ୍ୟାଦା ଓ ପ୍ରତାପର ପ୍ରକାଶ କାମନା କରୁଥିବ କାରଣ ଅଲ୍ଲାଃ ତାଲା ତାହାକୁ ଅନ୍ୟମାନଙ୍କ ଅପେକ୍ଷା ପ୍ରାଧାନ୍ୟ ଦେଇଥାଏ କିନ୍ତୁ ଯେଉଁମାନେ ମୋର ବିରୋଧ କରିଥାନ୍ତି ତାଙ୍କ ଓ ଆମ ମଧ୍ୟରେ ନିଷ୍ପତି ଅଲ୍ଲାଃ ହିଁ କରିବେ । ସେ ଆମ ଓ ସେମାନଙ୍କ ଅନ୍ତର ବେସ୍ ଭଲଭାବରେ ଅବଗତ । ବାସ୍ତବରେ ସେ ଦେଖିବାକୁ ଚାହିଁଥାନ୍ତି ଯେ କାହା ହୃଦୟରେ ସଂସାରର ମୋହମାୟା ଓ ସୌନ୍ଦର୍ଯ୍ୟ ଓ ସଂସାର କାମନା ଭରି ରହିଛି ଏବଂ କିଏ ପ୍ରଭୁଙ୍କ ପାଇଁ ନିଜ ହୃଦୟରେ ଓ ଉନ୍ମାଦନ ଓ ଉତ୍ସାହ ବହନ କରୁଅଛି । ଆପଣ କୁହନ୍ତି ଭଲ କରି ମନେରଖ କଦାପି ଆଧାତ୍ମିକ ସ୍ତରରେ ଉନ୍ନତି ଲାଭ କରିପାରିବ ନାହିଁ ଯେ ପର୍ଯ୍ୟନ୍ତ ହୃଦୟ ପବିତ୍ର ହୋଇନାହିଁ । ଯେତେବେଳେ ହୃଦୟରେ ପବିତ୍ରତା ଓ ସ୍ୱଛତା ଉତ୍ପନ ହୁଏ ସେତେବେଳେ ଉନ୍ନତିର ପଥରେ ଅଗ୍ରସର ହେବାକୁ ବିଶେଷ ଶକ୍ତି ଓ ସାମର୍ଥ୍ୟ ଲାଭ ହୋଇଥାଏ ଏବଂ ସେଥିପାଇଁ ସମସ୍ତ କିସମର ସାଧନ ପ୍ରାପ୍ତ ହୋଇଥାଏ ଏବଂ ସେ ଉନ୍ନତି କରେ ଦେଖ ହଜ୍‌ରତ୍ ମହମ୍ମଦ୍ ମୁସ୍ତଫା ସ:ଆ:ସ ସମ୍ପୁର୍ଣ୍ଣରୂପେ ଏକାକି ଥିଲେ ଏବଂ ଏଭଳି ଅବସ୍ଥାରେ ନିଜକୁ ଅବତାର ହେବାର ଘୋଷଣା କଲେ **ୟା ଅୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଯମିଆ (ଆରାପ୍: ୧୫୯)** ସେତେବେଳେ କିଏ ଚିନ୍ତା କରିଥିଲା ଯେ, ଏଭଳି ବାପା ମାଆ ଛେଉଣ୍ଡ ଅସହାୟ ଓ ଏକାକି ବ୍ୟକ୍ତି ନିଜ ଉଦ୍ଦେଶ୍ୟରେ ସଫଳ ହେବ ପୁଣି ଯେଉଁ କଠିନତାର ଆପଣ ସମ୍ମୁଖୀନ କଲେ ବା ସାମନା କଲେ ତାହାର ସ୍ରହଂଶାସ ମଧ ଆମେ ସମ୍ମୁଖିନ ହୋଇନାହୁଁ'' *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୧୫୭-୧୫୮)* । ପୁନଶ୍ଚ ହଜ୍‌ରତ୍ ମସିହ ମଉଦ ଆ:ସ ବିଶେଷ ରୂପେ ସଂସାର ବାସୀଙ୍କୁ ଉପଦେଶ ଦେଇ କୁହନ୍ତି ।

ଆମ୍ଭର ଶେଷ ଉପଦେଶ ଏହା ଯେ, ତୁମେ ନିଜ ବିଶ୍ୱାସପ୍ରତି ସଚେତିତ ହୁଅ ଏହା ନ ହେଉ କି ତୁମେ ଅହଙ୍କାର ଏବଂ ଅସାବଧାନତା ପ୍ରଦର୍ଶନ କରି ମହା ପ୍ରତାପି ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ବିଦ୍ରୋହୀ ସାବ୍ୟସ୍ତ ହୋଇଯାଅ । ପରମେଶ୍ୱର ଆକାଶମାର୍ଗରୁ ଦେଖୁଛନ୍ତି କି ଯାହାକୁ ସମ୍ମାନିତ କରାଗଲା ତାହାକୁ ପାଦତଳେ ଲୋକେ ଦଳିବାକୁ ଚାହିଁଲେ ଏବଂ ଯେଉଁ ରସୁଲ୍ ସର୍ବଶ୍ରେଷ୍ଠ ଥିଲା ତାହାକୁ ଗାଳିଗୁଲଜ ଓ ଅସଭ୍ୟ ଆଚରଣ ପ୍ରଦର୍ଶନ କରାଗଲା ତାହାଙ୍କୁ କୁକର୍ମୀ ଓ ମିଥ୍ୟାବାଦୀ ମଧ୍ୟରେ ଗଣନା କରାଗଲା । ତାହାର ଶିକ୍ଷା ଯାହା କି ପବିତ୍ର କୋରାନ୍ ଅଟେ ଅସଭ୍ୟ ଭାଷାରେ ମନେପକାଗଲା ତାହାକୁ ମନୁଷ୍ୟକୃତ ଗଣାଗଲା । ଅତଏବ ସେ ନିଜ ପ୍ରତିଶୃତିକୁ ମନେପକାଇଲେ ସେହି ପ୍ରତିଶୃତି ଅର୍ଥାତ **ଇନ୍ନା ନହ୍‌ନୋ ନଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନ୍ (ହଜର୍ : ୧୦)** ର ଅତଏବ ଆଜି ସେହି ପ୍ରତିଶୃତି ପୂରଣ କରିବାର ଦିବସ ଅଟେ ସେ ଅତି ତିବ୍ର ଓ ପ୍ରଖରତାର ସହ ଭିନ୍ନ ଭିନ୍ନ ଐଶି ଚିହ୍ନମାନ ଦ୍ୱାରା ତୁମମାନଙ୍କ ଉପରେ ପ୍ରମାଣ କରିଦେଲେ ଯେ, ଏହି ସିଲ୍‌ସିଲା ଯାହାକି ପ୍ରଚଳିତ କରାଯାଇଛି ତାଙ୍କରି ଅଟେ । କଣ ତୁମମାନଙ୍କ ଚକ୍ଷୁ ଏହା ପୂର୍ବରୁ ଏଭଳି ଦୃଢ଼ ଓ ସ୍ୱଷ୍ଟ ଚିହ୍ନ କଦାଚିତ ଦେଖିଥିଲେ ଯାହା ବର୍ତମାନ ଦେଖୁଅଛ । ପରମେଶ୍ୱର ତୁମମାନଙ୍କ ପାଇଁ କୁସ୍ତି କରିଲାପରି ଅନ୍ୟ ଜାତି ସହିତ ଲଢ଼ିଲେ ଏବଂ ସେମାନଙ୍କୁ ପରାଜିତ କଲେ । ଦେଖ ଆଥମ୍‌ର ମାମଲା ମଧ୍ୟ ଏକ କୁସ୍ତି

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ହିଁ ଥିଲା ଖୋଳତାଡ଼ କରି ଦେଖିନିଅ ବର୍ତମାନ ଆଥମ କେଉଁଠାରେ ଅଛି ଶୁଣ ସେ ଆଜି ମାଟିରେ ବିଲିନ୍ନ ହୋଇଯାଇଛି । ସେହି ସର୍ତ ମୁତାବକ ଯାହାକି ଭବିଷ୍ୟବାଣୀରେ ଦରଜ ହୋଇଥିଲା । କିଛିଦିନ ଅବସର ପାଇବାପରେ ଶେଷରେ ଧରା ପଡ଼ିଲା । ଦ୍ୱିତୀୟ କୁସ୍ତି ଲେଖ୍‌ରାମ୍‌ର ମାମଲା ଅଟେ ସୁତରାଂ ଚିନ୍ତା କରି ଦେଖିନିଅ ସେଥିରେ ମଧ୍ୟ ପ୍ରଭୁ କିଭଳି ବିଜୟ ହେଲେ ତା'ର ମୃତ୍ୟୁ ତୁମେ ସ୍ୱଚକ୍ଷୁରେ ଦେଖିଲେ ଯେ ଭବିଷ୍ୟବାଣୀ ରେ ଯେଭଳି ଧାର୍ଯ୍ୟ ରହିଥିଲା ସେହି ସମସ୍ତ ଚିହ୍ନ ବାସ୍ତବରେ ପରିଣତ ହେଲା ପୁଣି ପ୍ରଭୁଙ୍କ କୋପ ଗୋଟିଏ ଗୋଷ୍ଠୀ ଉପରେ ପଡ଼ି ତାହାକୁ ଶୋକର ଛାୟାରେ ଘୋଡ଼ାଇଦେଲା । କଣ ତୁମେ ଏହା ପୂର୍ବରୁ ପ୍ରଭୁଙ୍କ ପ୍ରତାପର ଏଭଳି ଦୃଶ୍ୟ ଅବଲୋକନ କରିଥିଲ ସୁତରାଂ ହେ ମୁସଲମାନମାନଙ୍କ ସନ୍ତାନମାନେ ପରମେଶ୍ୱରଙ୍କ କାର୍ଯ୍ୟର ଅବମାନନା କରନାହିଁ । ତୃତୀୟ କୁସ୍ତି ମହୋତ୍ସବ ଜଲ୍‌ସାର ମାମଲା ଥିଲା । ଦେଖ ସେହି କୁସ୍ତିରେ ମଧ୍ୟ ଈଶ୍ୱର ଇସ୍‌ଲାମକୁ କିଭଳି ସୁନାମ ପ୍ରଦାନ କଲେ ଏବଂ ତୁମମାନଙ୍କୁ ନିଜ ଚମତ୍କାର ଦେଖାଇଲେ । ପୂର୍ବରୁ ନିଜ ପ୍ରୀୟ ଭକ୍ତ ଉପରେ ଉକ୍ତ ଘଟଣା ପ୍ରକାଶ କଲେ କି ତାହାର ପ୍ରବନ୍ଧ ସବୁଠାରୁ ଶ୍ରେୟସ୍କର ହେବ । ପରେ ତାହାହିଁ ସେ କରି ଦେଖାଇଦେଲେ । ଉକ୍ତ ପ୍ରବନ୍ଧର ପବିତ୍ର ପ୍ରଭାବରେ ସମସ୍ତ ଉପସ୍ଥିତ ଜନମଣ୍ଡଳି ଆଚମ୍ଭିତ ହୋଇଯାଇଥିଲେ କଣ ଏହା ପ୍ରଭୁଙ୍କର କାର୍ଯ୍ୟ ଥିଲା ନା ଅନ୍ୟ କାହାର ? ଏହି ଚର୍ଚ୍ଚା ଆପଣ ଇସଲାମ ଉସୁଲ୍ କି ଫଲାସଫି ସମ୍ବନ୍ଧରେ କହିଥିଲେ ଯାହା କି ଲାହୋରର ଧର୍ମ ସମ୍ମିଳନୀରେ ପଠନ କରାଯାଇଥିଲା । ତାହାର ସଫଳତା ସମ୍ବନ୍ଧରେ ପ୍ରଭୁ ଆପଣଙ୍କୁ ପୂର୍ବରୁ ଅବଗତ କରାଇ ଦେଇଥିଲେ ଏବଂ ଆପଣ ତାହାର ଘୋଷଣା ମଧ୍ୟ କରିଦେଇଥିଲେ । ଆପଣା ପର ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ ଯେ, ନିଃସନ୍ଦେହ ଏହା ସର୍ବୋତମ ଓ ସର୍ବଶ୍ରେଷ୍ଠ ପ୍ରବନ୍ଧ ।

ଆପଣ କୁହନ୍ତି ଚତୁର୍ଥ କୁସ୍ତି ଡ଼ାକ୍ତର ମାର୍ଟିନ କ୍ଲର୍କର ମୋକଦ୍ଦମା ଥିଲା ଯେଉଁଠାରେ ତିନୋଟି ଧର୍ମ ଆର୍ଯ୍ୟ ସମାଜି, ଇସାଇ ଓ ମୁସଲମାନ ବିରୋଦ୍ଧି ସମସ୍ତେ ଆପଣଙ୍କ ବିରୋଧରେ ଏକତ୍ରିତ ହୋଇଯାଇଥିଲେ କି ଏହି ଅଧମକୁ ହତ୍ୟା କରିବାର ମୋକଦ୍ଦମା ପ୍ରମାଣିତ କରିଦେବୁ କିନ୍ତୁ ପ୍ରଭୁ ପୂର୍ବରୁ ସୂଚିତ କରିଦେଲେ ଯେ, ସେମାନେ ନିଜ ଉଦ୍ଦେଶ୍ୟରେ ବିଫଳ ହେବେ ଏବଂ ପାଖାପାଖି ୨୦୦ଜଣ ବ୍ୟକ୍ତିଙ୍କୁ ଘଟଣା ପୂର୍ବରୁ ଏହି ଭବିଷ୍ୟବାଣୀ ଦ୍ୱାରା ଅବଗତ କରି ଦିଆଯାଇଥିଲା । ଶେଷରେ ଆମର ହିଁ ଜୟ ହେଲା । ପଂଚମ କୁସ୍ତି ମିର୍ଜା ଅହମଦ ବେଗ୍ ହୋଶିଆର୍‌ପୁର୍‌ଙ୍କର ମୋକଦ୍ଦମା ଥିଲା ଯାହାର ପରିଜନ ଓ ନିକଟ ସମ୍ପର୍କୀୟ ଇସଲାମ ସହ ପରିହାସ କରୁଥିଲେ ଏବଂ ପବିତ୍ର କୋରାନ୍‌ର ଅସ୍ୱୀକାର ଓ ଅମାନ୍ୟ କରି ବସିଥିଲେ । ତଥା କଠୋର ଓ ଅସଭ୍ୟ ଭାଷାରେ ଇସଲାମ ବିରୋଧରେ ପ୍ରୟୋଗ କରି ମୋଠାରୁ ଇସଲାମ ସପକ୍ଷରେ ଐଶି ନିଦର୍ଶନ ମାଗୁଥିଲେ ପୁଣି ବିଜ୍ଞାପନ ମଧ୍ୟ ପ୍ରକାଶିତ କରିଥଲେ । ଅତଏବ ପ୍ରଭୁ ତାଙ୍କୁ ନିଜର ଏହି ନିଦର୍ଶନ ଦେଖାଇ କହିଲେ କି ଅହ୍‌ମଦ୍ ବେଗ୍ ନିଜ ପରିଜନଙ୍କ ମୃତ୍ୟୁ ଦେଖିବ । ଅନେକ କିଛି କଷ୍ଟ ସହ୍ୟ କରି ତିନିବର୍ଷ ଭିତରେ ଦେହ ତ୍ୟାଗ କରିବ ବସ୍ତୁତ୍ୱ ଏହିପରି ହିଁ ଘଟିଲା ଏବଂ ସେ ଧାର୍ଯ୍ୟ ସମୟ ମଧ୍ୟରେ ଇହଧାମ ତ୍ୟାଗ କଲା । ଯଦ୍ୱାରା ଜ୍ଞାତ ହେବ ଯେ ପ୍ରତ୍ୟେକ ଅହଙ୍କାରୀର ପରିଣାମ ଏହା ହିଁ ହୋଇଥାଏ । *(ଅୟାମୁସ୍ ସୁଲାହ୍, ରୁହାନି ଖଜାଇନ୍ ଖଣ୍ଡ-୧୪, ପୃ-୩୨୫-୩୨୭)*

ପୁନଶ୍ଚ ହଜୁର ଆ:ସ ପୃଥିବୀବାସୀଙ୍କୁ ସାବଧାନ କରାଇ କହିଲେ ଯେ, ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରେରିତ ଅବତାରଙ୍କ ସହିତ କଦାପି ଲଢ଼ ନାହିଁ ଯେତେବେଳେ ଅଲ୍ଲାଃ ତାଲା ନିଜର ପ୍ରୀୟ ଅବତାରଙ୍କୁ ପ୍ରେରିତ କରନ୍ତି ସେତେବେଳେ ସେ ହିଁ ନିଜର ପ୍ରେରିତ ଅବତାରଙ୍କୁ ସାହାଯ୍ୟ ଓ ସହଯୋଗ କରିଥାନ୍ତି । ଏଥିସହ ତାଙ୍କ ପାଇଁ ଐଶ୍ୱରିକ ନିଦର୍ଶନ ମଧ୍ୟ ପଦର୍ଶନ କରନ୍ତି । ହଜୁର ଆ:ସ କହିଲେ ଅଲ୍ଲାଃ ତାଲା ମତେ ପ୍ରତିଷ୍ଠାବାନ ବାକ୍ୟରେ କହିଲେ ଯେ, ସଂସାରରେ ଜଣେ ସଚେତନକାରୀ ଆର୍ବିଭୁତ ହେଲେ କିନ୍ତୁ ସଂସାରବାସୀ ତାହାକୁ ଗ୍ରହଣ କଲେ ନାହିଁ କିନ୍ତୁ ଅଲ୍ଲାଃ ତାଲା ତାକୁ ସ୍ୱୀକାର କରିବେ ଏବଂ ଅତ୍ୟନ୍ତ ଭିଷଣ ଆକ୍ରମଣ ଦ୍ୱାରା ତାହାର ସତ୍ୟତାକୁ ପ୍ରତିପାଦିତ କରିବେ । *(ବରାହିନେ ଅହମଦୀୟା ଭାଗ-୪, ରୁହାନି ଖଜାଇନ୍ ଖଣ୍ଡ-୧, ପୃ-୬୬୫ ବାକି ହାଶିୟା ଦର ହାଶିୟା ନଂ-୪)*

ହଜୁର ଆ:ସ କହିଲେ ତେଣୁ ଆଜି ଦୁଇଶହରୁ ଉର୍ଦ୍ଧ ଦେଶରେ ପରିବ୍ୟାପ୍ତ ଯମାତ୍ ଅହେମଦୀୟା ଏହି କଥାର ଘୋଷଣା କରୁଅଛି ଯେ, ଅଲ୍ଲାଃ ତାଲା ହଜୁର ଆ:ସଙ୍କ ସତ୍ୟତାକୁ ସଂସାର ଆଗରେ ପରିପ୍ରକାଶ କରିଚାଲନ୍ତୁ । ଅଲ୍ଲାଃ ତାଲା ଆମମାନଙ୍କୁ ମଧ୍ୟ ତାଙ୍କର ଉଦ୍ଦେଶ୍ୟ ସାଧନକୁ ପରିପୁରଣ କରି ପ୍ରସାରିତ କରିବା ପାଇଁ ଅଶିଂଦାର ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କର ବିଶ୍ୱାସ ଓ ଆସ୍ଥାକୁ ସୁଦୃଢ଼ କରନ୍ତୁ ଏବଂ ଆମମାନଙ୍କୁ ନିଜର ଦାୟିତ୍ୱକୁ ସଠିକ୍ ରୂପେ ନିର୍ବାହ କରିବାକୁ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ବର୍ତମାନ ମୁଁ ଆଜିକାଲି ଯେଉଁ ମହାମାରୀ ସଂକ୍ରମିତ ହୋଇଚାଲିଛି ସେଥିସମ୍ବନ୍ଧରେ

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

ସାଂସାରିକ ବୁଦ୍ଧିଜୀବି ମାନଙ୍କ କଥନ ଉପସ୍ଥାପନ କରିବାକୁ ଚାହୁଁଅଛି ।

ଫିଲିପ୍ ଜୋନଷ୍ଟନ୍ ଟେଲିଗ୍ରାଫର୍ ୧୮ ମାର୍ଚ୍ଚ ୨୦୨୦ ମସିହାର ପ୍ରତ୍ରିକାରେ ଲେଖିଲେ ଯେ, Netflex ଏବଂ ସେହିପରି ଅନ୍ୟାନ୍ୟ ପ୍ଲାଟଫର୍ମର ରିପୋର୍ଟରେ ଆଜିକାଲି ୨୦୧୧ ମସିହାରେ ଗୋଟିଏ ଫ୍ଲିମ ବେସ୍ ପ୍ରସିଦ୍ଧିଲାଭ କରିଚାଲିଛି ଯାହାର ନାମ Contagion ଅଟେ । ଉକ୍ତ କାହାଣୀରେ ଗୋଟିଏ ଭାଇରସ୍ ସଂକ୍ରମିତ ହେବା ତଥା ଗବେଷଣାକାରୀ ଓ ସ୍ୱାସ୍ଥ୍ୟବିଭାଗ ଉକ୍ତ ରୋଗର ଚିହ୍ନଟ ଓ ତାହାକୁ ବସିଭୁତ କରିବା ତଥା ସାମାଜିକ ଶୃଙ୍ଖଳା ଓ ବ୍ୟବସ୍ଥା ଭଙ୍ଗ ହେବା ଏବଂ ଶେଷରେ ତାହାର ପରିବ୍ୟାପ୍ତକୁ ରୋକିବାପାଇଁ ଭ୍ୟାକ୍‌ସିନ୍ ପ୍ରସ୍ତୁତ କରିବାର ଚର୍ଚ୍ଚା କରାଯାଇଅଛି । ସେ ଲେଖିଛନ୍ତି ମୋ ମତରେ ଆମର ସଂସାର ଧ୍ୱଂସ ହେବା ସବନ୍ଧରେ ପ୍ରସ୍ତୁତ ଚଳଚିତ୍ରକୁ ନେଇ ଏଭଳି ଆଗ୍ରହ ପ୍ରକାଶ କରିବା ଆମର ଦୀର୍ଘ ସମୟ ପ୍ରତିଷ୍ଠିତ ରହିବା ଓ ଉନ୍ନତିର ପ୍ରମାଣ ଅଟେ । ଯେଉଁ ସାଂସାରିକ ବ୍ୟକ୍ତିମାନେ ଉନ୍ନତି କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଚିନ୍ତାଧାରା ଏହି କି ଯେ ଏହି ଉନ୍ନତି ଚୀରକାଳ ରହିଥିବ । ସେ କୁହନ୍ତି ଏହା ଆଶ୍ଚର୍ଯ୍ୟଜନକ କଥା ଯେ ମାତ୍ର ଦୁଇସପ୍ତାହରେ ଆମ ସଂସାର ସମ୍ପୁର୍ଣ୍ଣରୂପେ ଓଲଟପାଲଟ ଯାଇଛି ସେ ଆହୁରି କୁହନ୍ତି କି ଆମର ସମସ୍ତ ଯୋଜନା ପଣ୍ଡ ହୋଇଯାଇଛି ଏବଂ ଭବିଷ୍ୟତ ସମ୍ବନ୍ଧରେ ଆମର ଆଶା ଅନିଶ୍ଚିତତା ଭିତରେ ରହିଛି ବର୍ତ୍ତମାନ ଶୀତଳ ଯୁଦ୍ଧ ସମୟର ଆଟମିକ୍ ୱାର୍‌ର ଭୟ ରହିଛି ନା କି ନିକଟ ବର୍ତ୍ତମାନରେ ସମ୍ମୁଖିନ ହୋଇଥିବା ଅର୍ଥନୈତିକ କ୍ଷତିଗସ୍ତ ଯେପରି କି ଆଜିକାଲି ଏହି ସଂକ୍ରମିତ ବ୍ୟାଧି ଯାହାର ସମ୍ମୁଖିନ ଆମେ ହେଉଅଛେ । ଏପରି କି ଗତ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଲୋକେ ଥିଏଟର୍, ସିନେମା, ରେଷ୍ଟୋରାଂଟ, କାଫେ ଓ ପପ୍‌କୁ ଯାଉଥିଲେ ଅତିକମ୍‌ରେ ଲୋକମାନଙ୍କୁ ଏସବୁ ଯିବାକୁ ତ କୌଣସି କଟକଣା ନଥିଲା । କିନ୍ତୁ ଆମେ ଆଜିକାଲି ଏ ସବୁ ସ୍ଥଳକୁ ମଧ୍ୟ ଯାଇପାରୁନାହୁଁ । ପୁନଶ୍ଚ କୁହନ୍ତି କି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଯେଉଁମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ବିକଶିତ ହୋଇଛନ୍ତି, ଆମମାନଙ୍କୁ ସର୍ବଦା ଆଡ଼ମ୍ବର ଓ ସୁଖସମୃଦ୍ଧିପୂର୍ଣ୍ଣ ଜୀବନ କାମନା କରିଥାଉ । ଯାହାକି ଆମ ପୂର୍ବବର୍ତୀ ପିଢ଼ି କଦାପି ମଧ୍ୟ କଳନା କରିନଥିଲେ । ନା ସେମାନଙ୍କର ଅବସ୍ଥା ଏପରି ସ୍ୱଚ୍ଛଳ ଥିଲା କି ସେମାନେ ଏଥିସମ୍ବନ୍ଧରେ ଚିନ୍ତା କରିଥାନ୍ତେ । ଅଧିକନ୍ତୁ ସେ କୁହନ୍ତି ଆମେ ଆଶା କରୁଛୁ କି ସାଇନ୍ସ ଏହି ରୋଗର ଭ୍ୟାକ୍‌ସିନ୍ ଓ ଉପଚାର ଆମମାନଙ୍କ ପାଇଁ ଘେନି ଆଣିବ । ସମ୍ଭବତଃ ଏପରି ହୋଇଯିବ କି, ସେଟଲ୍‌ରେ (Seattle) ଆମେରୀକାରେ ଆଜି ମାନବ ସେବକ ମାନଙ୍କ ଉପରେ ଏହି ନିରିକ୍ଷଣ କରାଯାଉଅଛି କିନ୍ତୁ ନକାରାତ୍ମକ କଥା ଏହି କି ଯେ, ଏହି ଭୁତାଣୁକୁ ଚିହ୍ନଟ କରିବାରେ ହିଁ ମାସ ମାସ ସମୟ ଲାଗିଯିବ କି ଏହାର ଭ୍ୟାକ୍‌ସିନ୍‌ରେ କିଛି ଉପକାର ମିଳିବ କି ନାହିଁ । ଆଗକୁ ସେ ଲେଖନ୍ତି ଯେ, ଇତିହାସରେ ମୁଳରୁ ଚୂଳ ପର୍ଯ୍ୟନ୍ତ ମାନବଜାତି ଏପରି ପରିସ୍ଥିତିରେ ନିଜ ବିଶ୍ୱାସର ସାହାରା ନେଇ ଉକ୍ତ ପ୍ରତିକୁଳ ପରିସ୍ଥିତିରୁ ଅତିକ୍ରମ କରିନେଇଥାଏ, ଅଲ୍ଲାଃ ତାଲାଙ୍କ ଶରଣାଗତ ହେବା ଦ୍ୱାରା ତାଙ୍କ ପ୍ରୀୟଜନଙ୍କ ସହିତ ଯେଭଳି ଆଚରଣ ହୋଇଥିଲା, ଦେଖ ନାସ୍ତିକବାଦି ଏଭଳି ପରିସ୍ଥିତିରେ ସର୍ବଦା ନିଜକୁ ଆଶ୍ୱାସନା ଦେବାପାଇଁ ଜଣେ ଶୃଙ୍ଖଳା ମାନବର ଅନୁକରଣ କରି ବା ଜଣେ ଉଜ୍ଜଳ ମନା ବ୍ୟକ୍ତିର ଚିନ୍ତାଧାରା ଯାହା କି ନାସ୍ତିକବାଦି ମାନେ ଅବଲମ୍ବନ କରିଥାନ୍ତି । ମଣିଷର ପ୍ରଚେଷ୍ଟା ଦ୍ୱାରା ସର୍ବଦା ପ୍ରାକୃତିକ ଅମଳରେ ସୁଧାର ହୋଇଥାଏ ତାହାକୁ ପ୍ରଭୁଙ୍କ ବିଧାନ ଅବା କୋପ ସହ ଯୋଡ଼ିବା ଜରୁରୀ ନୁହେଁ । ସେ ଆହୁରି କୁହନ୍ତି କି, ଆମେ କେତେଥର ଲୋକମାନଙ୍କୁ କହିବାର ଶୁଣିଛୁ କି ସବୁକିଛି ଠିକ୍ ହୋଇଯିବ । କାରଣ ବିଜ୍ଞାନ ଏହାର ସମାଧାନ ଆବିଷ୍କାର କରିନେବ । ସେ ଗ୍ଲୋବାଲ୍ ୱାର୍ମିଙ୍ଗର ସମସ୍ୟା ହେଉ ଅବା କୌଣସି ସଂକ୍ରମିତ ମହାମାରୀ, ଆମମାନଙ୍କୁ ଖୁବ୍ ଶିଘ୍ର ସୁଚନା ମିଳିଯିବ । ଯେ ଏଭଳି ଆଶା ବାନ୍ଧିବା ଠିକ୍ ଅବା ନିରର୍ଥକ । ଯଦି ଏପରି ନ ହୁଏ ତେବେ ସେ ପୁଣି କହୁଛନ୍ତି (ସେ ଜଣେ ସାଂସାରିକ) ସମ୍ଭବତଃ ଚର୍ଚ୍ଚ ଆଡ଼କୁ ଫେରିଯିବାକୁ ହେବ । ସେ କୁହନ୍ତି ଯଦିଚ ମୁଁ ଧର୍ମରୁ ଦୁରେଇ ରହିଛି ଏବଂ ପ୍ରଭୁଙ୍କଠାରୁ ଦୁରେଇ ରହିଛି ଏବଂ ଯାହା ଦେଖିବାକୁ ମିଳୁଅଛି ଏବଂ ଯଦି ବୈଜ୍ଞାନିକ ଏହି ମହାମାରୀକୁ ରୋକି ନ ପାରନ୍ତି ତେବେ ଆମକୁ ଧର୍ମ ଓ ଚର୍ଚ୍ଚ ଆଡ଼କୁ ଫେରିଯିବାକୁ ଓ ପ୍ରତ୍ୟାବର୍ତନ କରିବାପ୍ରତି ଚିନ୍ତା କରିବାକୁ ପଡ଼ିବ ।

ଉକ୍ତ ଭୁତାଣୁ ସଂସାରକୁ ଏହା ଭାବିବା ପାଇଁ ବାଧ କରିଦେଇଛି ଯେ, ସେମାନେ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତନ କରନ୍ତୁ କିନ୍ତୁ ପ୍ରକୃତ ଈଶ୍ୱର ଓ ଜୀବିତ ଈଶ୍ୱର କେବଳ ଇସଲାମ୍ ଧର୍ମରେ ହିଁ ନିହିତ । ଯିଏ ତାଙ୍କ ଆଡ଼କୁ ଶରଣାପର୍ଣ୍ଣ ହୁଅନ୍ତି ଅଲ୍ଲାଃ ତାଲା ସେମାନଙ୍କୁ ନିଶ୍ଚିତରୂପେ ମାର୍ଗଦର୍ଶନ କରିବାର ଘୋଷଣା କରିଛନ୍ତି । ଅତଃ ଏଭଳି ପରିସ୍ଥିତିରେ ଆମମାନଙ୍କୁ ଯେଉଁଠି ନିଜକୁ ସୁଧାରିବାର ଆବଶ୍ୟକତା ରହିଛି ଅନ୍ୟପଟରେ ତବ୍‌ଲିଗ୍ କାର୍ଯ୍ୟ ପ୍ରଭାବଶାଳୀ ରୂପେ କରିବାର ଆବଶ୍ୟକତା ମଧ୍ୟ ରହିଛି । ପୃଥିବୀବାସୀଙ୍କୁ ପୁର୍ବାପେକ୍ଷା ଅଧିକ ପରିଚିତ ଓ ଅବଗତ କରାଇବାର ଆବଶ୍ୟକତା ରହିଛି ଏବଂ ପୂନଶ୍ଚ ପ୍ରତ୍ୟେକ ଅହେମଦୀଙ୍କୁ ଏହା ଚେଷ୍ଟା କରିବା ଉଚିତ ଓ ପୃଥିବୀବାସୀଙ୍କୁ ଏହା କୁହାଯାଉ ଯେ, ଯଦି ନିଜେ ତିଷ୍ଠି ରହିବାକୁ ଚାହୁଁଛ ତେବେ ନିଜର ସୃଷ୍ଟିକର୍ତା ଈଶ୍ୱରଙ୍କୁ ଚିହ୍ନ ଯଦି ନିଜର ପରିଣତିକୁ ଉତମ କରିବାକୁ ଚାହୁଁଛ ତେବେ ନିଜ ସୃଷ୍ଟିକର୍ତା ଈଶ୍ୱରଙ୍କୁ ଚିହ୍ନ କାରଣ ପରକାଳର ଜୀବନ ପରିଣତି ଯାହାର ରହିଛି ତାହା ହିଁ ପ୍ରକୃତ ଓ ବାସ୍ତବ ପରିଣତି । ଏଥିସହ କାହାରିକୁ ଅଲ୍ଲାଃ ତାଲାଙ୍କ ସହ ସମକକ୍ଷ କରନାହିଁ ଏବଂ ମାନବତା ଧର୍ମକୁ ସଠିକ୍‌ରୂପେ ଦାୟିତ୍ୱ ନିର୍ବାହ କର ।

ସାଂସାରିକ ବ୍ୟକ୍ତିମାନେ କୁହନ୍ତି ଯେ, ଏହି ବିପତିର ତ ଅଭିବୃଦ୍ଧି ଅବଶ୍ୟ ଘଟିବ ତେଣୁ ନିଜର ଶେଷ ପରିଣତିକୁ ଉତମ କରିବାକୁ ହେଲେ ଆମକୁ ଅଲ୍ଲାଃ ତାଲାଙ୍କ ନିକଟକୁ ଯେ କୌଣସି ଉପାୟରେ ଫେରିଯିବାକୁ ହେବ । ଏ ସଂକ୍ରାମକ ଭୁତାଣୁ ରୋଗ ସମ୍ପର୍କରେ ବିଶେଷଜ୍ଞମାନଙ୍କର ଏହି ମତ ରହିଛି ଯେ ଉକ୍ତ ଭୟାନକ ଭାଇରସର ଜୀନ୍ ର ଗୁଣଗତରେ ସାଧାରଣ ପରିବର୍ତନ ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି ଏବଂ ଏଥିସହ କିଛି ବର୍ଷ ମଧ୍ୟରେ ହିଁ ଆଉ ଏକ ନୁତନ କରୋନା ଭାଇରସ ପୃଥିବୀରେ ବ୍ୟାପି ଯିବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି । ଉକ୍ତ ବିଶେଷଜ୍ଞ ଜଣକ କହନ୍ତି ଯେ ବୋଧ ହୁଏ ପ୍ରତି ତିନିବର୍ଷ ପରେ କୌଣସି ନୂତନ ରୋଗ ଉତ୍ପନ୍ନ ହୋଇଯିବ । ବୈଜ୍ଞାନିକମାନେ କରୋନା ଭାଇରସ ଉପରେ ନିୟନ୍ତ୍ରଣ ପାଇପାରିନାହାନ୍ତି କିନ୍ତୁ ସଂକ୍ରମଣ ଭୁତାଣୁ ରୋଗ ବିରୁଦ୍ଧରେ ମାନବଜାତିର ଏହା ଅସମାପ୍ତ ସଂଗ୍ରାମ ଅଟେ ।

ମାନବଜାତି ଓ ଅଣୁଜୀବମାନଙ୍କ ମଧ୍ୟରେ ସୃଷ୍ଟିର ଆରମ୍ଭ ପ୍ରଜାୟରୁ ଅଣୁଜୀବମାନେ ପୁର୍ନବାର ଆଗକୁ ଚାଲିଆସୁଛନ୍ତି । WHO (World Health Organization) ମୁତାବକ ୧୯୭୦ ମସିହାରୁ ବର୍ତମାନ ସୁଦ୍ଧା ୧୫୦୦ରୁ ଅଧିକ ନୂତନ ଭାଇରାସ ଆବିଷ୍କାର ହୋଇସାରିଛନ୍ତି ଏବଂ ୨୧୦୦ ଶତାବ୍ଦି ସଂକ୍ରମିତ ମହାମାରୀ ପୂର୍ବପେକ୍ଷା ଅଧିକ ତିବ୍ରଗତିରେ ଦୁର ଦୁରକୁ ପରିବ୍ୟାପ୍ତ ହୋଇଚାଲିଛନ୍ତି ଏବଂ ସମସ୍ତ ବିଶ୍ୱସ୍ତରରେ ପରିବ୍ୟାପ୍ତ ହେଉଛନ୍ତି ସେ ଯାହା ହେଉ ନା କାହିଁକି ଏହାର ଦୀର୍ଘ ବିବରଣୀ ରହିଛି ଯାହାକି ପୂନଃ ରୂପେ ବର୍ଣ୍ଣନା ହୋଇପାରିବ ନାହିଁ କିନ୍ତୁ ନିଜର ସୁପରିଣତି ପାଇଁ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କ ସହିତ ପୂର୍ବପେକ୍ଷା ଅଧିକ ସମ୍ପର୍କ ସ୍ଥାପନ କରିବାର ଆବଶ୍ୟକତା ରହିଛି ଏଥିନିମନ୍ତେ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

କରୋନା ରୋଗ ସମ୍ବନ୍ଧରେ ମୁଁ ପୂର୍ବରୁ ନିର୍ଦ୍ଦେଶାବଳୀ ଦେଇସାରିଛି ଏବଂ ପୂନର୍ବାର ସ୍ମରଣ ମଧ୍ୟ କରାଇ ଦେଉଛି ଯେ ବର୍ତମାନ ଏହି ରୋଗ ସମଗ୍ର ପୃଥିବୀରେ ଦ୍ରୁତଗତିରେ ଲୋକମାନଙ୍କୁ ଆକ୍ରାନ୍ତ ଓ ସଂକ୍ରମିତ କରି ବ୍ୟାପିବାରେ ଲାଗିଛି ଏବଂ ଏଠାରେ ମଧ୍ୟ ଏହାର ପ୍ରଭାବ ଅଧିକ ହେବାରେ ଲାଗିଛି ବର୍ତମାନ ପ୍ରଶାସନ ବା ସରକାର ମଧ୍ୟ ଏହା କହିବାକୁ ବାଧ୍ୟ ହୋଇଛନ୍ତି ଯେ, ସେ ଉକ୍ତ ଭାଇରସକୁ ରୋକିବାପାଇଁ ଯେକୌଣସି ବିହିତ ପଦକ୍ଷେପ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେଣୁ ଭୁତାଣୁ ଜନିତ ବ୍ୟାପକତାକୁ ଦୃଷ୍ଟିରେ ରଖି ଆଗାମି ଦିନ ମାନଙ୍କରେ ସରକାର ବହୁତ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ରୋଗର ପାର୍ଦୁଭାବ ଘଟେ ସଂକ୍ରମଣ ଭୁତାଣୁ ରୋଗ ପ୍ରତ୍ୟେକ ବ୍ୟକ୍ତିକୁ ସଂକ୍ରମିତ କରିଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ସରକାରଙ୍କ ଦ୍ୱାରା ପ୍ରଦତ ନିୟମାବଳୀ ଓ ନିର୍ଦ୍ଦେଶାବଳୀଗୁଡ଼ିକୁ ପାଳନ କରନ୍ତୁ । ବୟସ୍କ ବ୍ୟକ୍ତି, ରୋଗରେ ପିଡ଼ିତ ଥିବା ବ୍ୟକ୍ତି, ଯେଉଁ ମାନଙ୍କ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ଦୃବଳ ରହିଛି ସେମାନଙ୍କୁ ବିଶେଷରୂପେ ଯତ୍ନବାନ ଓ ସତର୍କତା ଅବଲମ୍ବନ କରିବା ଉଚିତ । ବୟସ୍କବ୍ୟକ୍ତିମାନେ ଘରୁ କମ୍ ବାହାରନ୍ତୁ ମସ୍‌ଜିଦ୍ କୁ ଆସିବାବେଳେ ମଧ୍ୟ ସାବଧାନତା ତଥା ସତର୍କତା ଅବଲମ୍ବନ କରନ୍ତୁ । ଜୁମ୍ମା ନାମଜ ମଧ୍ୟ ନିଜ ଅଂଚଳରେ ଥିବା ମସଜିଦରେ ପଢ଼ନ୍ତୁ ଏହା ବ୍ୟତିତ ଏହି ଜୁମ୍ମା ନମାଜ ପାଇଁ ମଧ୍ୟ ସରକାରଙ୍କ ତରଫରୁ କୌଣସି କଟକଣା ଲାଗିଯାଇପାରେ । ଜୁମ୍ମା ନମାଜ ପାଇଁ ଯେପରି ଭିଡ଼ ନ ହେଉ ସାଧାରଣତଃ ମହିଳାମାନେ ନମାଜକୁ ଛୋଟପିଲାମାନଙ୍କୁ ନିଜ ସାଙ୍ଗରେ ଆସିବାରୁ ବର୍ତି ରୁହନ୍ତୁ । ତେଣୁ ନିଜ ସାଥିରେ ନେଇ ଆସିବାକୁ ବର୍ତି ରହନ୍ତୁ ଅର୍ଥାତ ନିବୃତ ରୁହନ୍ତୁ । ତେଣୁ ନିଜ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାପାଇଁ ବିଶ୍ରାମପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଉଚିତ । ଛୋଟ ପିଲାମାନଙ୍କୁ ମଧ୍ୟ ଅଭ୍ୟାସ କରାନ୍ତୁ ଯେ ସେମାନେ ଜଲଦି ଶୁଅନ୍ତୁ ଏବଂ ଜଲଦି ଉଠନ୍ତୁ ଅନ୍ୟୁନ ଆଠ ନଅ ଘଂଟା ନିଦ୍ରା ନେବା ନିହାତି ଆବଶ୍ୟକ । ନିଜେ ଓ ପିଲାମାନେ ମଧ୍ୟ ନିଦ ପୂରଣ କରନ୍ତୁ । ଜଣେ ବୟସ୍କ ବ୍ୟକ୍ତି ଛଅ ସାତ ଘଂଟା ଓ ଜଣେ ଛୋଟଛୁଆ ଆଠ ନଅ ଘଂଟା ଅବା ଦଶଘଂଟା ସୟନ କରିବା ଉଚିତ । ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ନା କି ସାରା ରାତି ବସି ଟିଭି ଦେଖିବାରେ ବ୍ୟତିତ କରନ୍ତୁ ଓ ରାତି ୧୨ଟା ପର୍ଯ୍ୟନ୍ତ ଟିଭି ଦେଖିବାରେ ବ୍ୟତିତ କରନ୍ତୁ ଯଦ୍ୱାରା ସକାଳ ନମାଜରେ ଉଠିବାରେ ମଧ୍ୟ କଷ୍ଟ ସାଧ୍ୟ ହେବ ଏବଂ ପୁଣି ସକାଳେ ଶିଘ୍ର ଶିଘ୍ର କାମ ସାରି ନିଜ କର୍ମକ୍ଷେତ୍ରକୁ ଯିବାରେ ମଧ୍ୟ କଷ୍ଟ ହେବ । ପୁନଶ୍ଚ ସାରାଦିନ ଅଳସୁଆମି ଓ ଦୁର୍ବଳତା ଅନୁଭବ ହେବା ସହିତ ଥକାପଣ ମଧ୍ୟ ତଥା

ରୋଗ ଆକ୍ରାନ୍ତ ହେବ । ପୁନଶ୍ଚ ବଜାରରେ ବିକ୍ରୀ ହେଉଥିବା ଅପମିଶ୍ରିତ ଜିନିଷର ସେବନଠାରୁ ଦୁରେଇ ରହିବା ଉଚିତ । ବିଶେଷକରି ଚିପ୍ସ ଆଦିର ପ୍ୟାକେଟ ରହିଛି କାରଣ ତାହା ଛୋଟପିଲାମାନଙ୍କର ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଏବଂ ତାହା ପାଚନକ୍ରୀୟାକୁ ଓ ପାଚନଶକ୍ତିକୁ ମନ୍ଥର କରିଥାଏ ।

ପୁନଶ୍ଚ ଆଜିକାଲି ଡ଼ାକ୍ତରମାନେ ଯାହା କହୁଛନ୍ତି ଅର୍ଥାତ ବାରମ୍ବାର ପାଣି ପିଅନ୍ତୁ, ଘଂଟାଏ ଛାଡ଼ି ପାଣିପିଅନ୍ତୁ ନଚେତ ଅଧଘଂଟା କିମ୍ବା ୪୫ମିନିଟ ବ୍ୟବଧାନରେ ଦୁଇଢ଼ୋକ ପାଣି ପିଅନ୍ତୁ ଏହା ମଧ୍ୟ ରୋଗରୁ ଦୁରେଇ ରହିବାର ଏକ ମାଧ୍ୟମ ଅଟେ । ହାତକୁ ସର୍ବଦା ସଫାସୁତୁରା ରଖନ୍ତୁ ଅନ୍ୟୁନ ପାଂଚଥର ଓ୍ୱଜୁକାରୀକୁ ସ୍ୱଚ୍ଛତାର ସୁଯୋଗ ମିଳିଯାଇଥାଏ ସେମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ ଛିଙ୍କିବାବେଳେ ମୁହଁରେ ରୁମାଲ୍ ରଖନ୍ତୁ ଅବା ଆଜିକାଲି ତ ଡ଼ାକ୍ତରମାନେ କହୁଛନ୍ତି ଯେ, ଛିଙ୍କିବାବେଳେ ନିଜ ହାତକୁ ମୁହଁ ସାମନାରେ ରଖନ୍ତୁ କାରଣ ଏହା ଦ୍ୱାରା ଛିଙ୍କ ଏଣେତେଣେ ପଡ଼ିନଥାଏ ସେ ଯାହା ହେଉନା କାହିଁକି ସ୍ୱଚ୍ଛତା ନିତ୍ୟାନ୍ତ ଆବଶ୍ୟକ ଏବଂ ଏଥିପ୍ରତି ବିଶେଷରୂପେ ଧ୍ୟାନ ଦେବା ଉଚିତ କିନ୍ତୁ ଶେଷ ଅସ୍ତ୍ର ହେଉଛି ଦୁଆ ଏବଂ ଏହି ଦୁଆ କରିବା ଯେ ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଉକ୍ତ ରୋଗର ଦାଉରୁ ରକ୍ଷା କରନ୍ତୁ ସେହି ସମସ୍ତ ଅହେମଦୀମାନଙ୍କୁ ମଧ୍ୟ ନିଜ ଦୁଆରେ ବିଶେଷରୂପେ ସ୍ମରଣ କରନ୍ତୁ ଯେଉଁମାନେ ଦୁର୍ଭାଗ୍ୟ ବସତଃ କୌଣସି କାରଣରୁ ଉକ୍ତ ରୋଗରେ ଆକ୍ରାନ୍ତ ହୋଇଯାଇଛନ୍ତି କିମ୍ବା ଡ଼ାକ୍ତରଙ୍କୁ ସେମାନଙ୍କ ଉପରେ ସନ୍ଦେହ ଥିବା ଯୋଗୁଁ ସେମାନଙ୍କୁ ସନ୍ଦିଗ୍ଧ ବୋଲି ଚିହ୍ନଟ କରାଯାଇଛି ଯେ, ଏମାନଙ୍କୁ ଏହି ସଂକ୍ରମଣ ହୋଇଛି କିମ୍ବା ଅନ୍ୟ କୌଣସି ରୋଗରେ ଯେଉଁ ଅହେମଦୀମାନେ ଆକ୍ରାନ୍ତ ସେମାନଙ୍କ ପାଇଁ ମଧ୍ୟ ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେମାନଙ୍କୁ ଉକ୍ତ ରୋଗରୁ ରକ୍ଷା କରନ୍ତୁ । ସାମୁହିକ ରୂପେ ପ୍ରତ୍ୟେକ ବ୍ୟକ୍ତିପାଇଁ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସଂକ୍ରମଣ ଭୁତାଣୁ ରୋଗର ପ୍ରଭାବରୁ ପୃଥିବୀବାସୀଙ୍କୁ ସୁରକ୍ଷିତ ରଖନ୍ତୁ ଯେଉଁମାନେ ଅସୁସ୍ଥ ଅଛନ୍ତି ସେମାନଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଅହେମୀଦଙ୍କୁ ନିରୋଗତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଶ୍ୱାସ ଓ ଆସ୍ଥାରେ ମଧ୍ୟ ଦୃଢ଼ତା ପ୍ରଦାନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ ର ଅବଶିଷ୍ଟାଂଶ ......*

ଏହାକୁ ନାପସନ୍ଦ କରୁଛି । ମୁଁ ମଧ୍ୟ କେତେକ ଶବ୍ଦର ପରିବର୍ତନ ସହିତ ଏହାକୁ ନାପସନ୍ଦ କରେ । କାରଣ ମୁଁ ତୁମମାନଙ୍କୁ କୌଣସି ସମସ୍ୟାରେ ପକାଇବାକୁ ଚାହୁଁ ନାହିଁ ଯେ, ତୁମେମାନେ ଏହି ବର୍ଷା ପାଗରେ କାଦୁଅ ଓ ଖସନା ପୂର୍ଣ୍ଣ ରାସ୍ତାରେ ଯେପରି ନ ଚାଲ ।

ଅଲ୍ଲାମା ଇମାମ୍ ନୁଓ୍ୱୀ ଉକ୍ତ ହଦୀସର ବ୍ୟାଖ୍ୟା କରି କହନ୍ତି ଯେ, ଉକ୍ତ ହଦସୀରେ ବର୍ଷାଦି ପାଗର ବାଧତା ଯୋଗୁଁ ଜୁମ୍ମା ନମାଜକୁ ଛଡ଼ା ଯିବାର ପ୍ରମାଣ ମଧ୍ୟ ଉଲ୍ଲେଖ ରହିଛି ଏବଂ ଏହି ମତ ସହିତ ମୁଁ ମଧ୍ୟ ସହମତ । ସେ ଉଲ୍ଲେଖ କରି କୁହନ୍ତି ଯେ, ମୋର ଏହି ସହମତି ଓ ଅନ୍ୟାନ୍ୟ ଧାର୍ମିକ ବିଚାରକମାନଙ୍କର ମଧ୍ୟ ଏହି ମତ ରହିଛି । କିନ୍ତୁ ଇମାମ୍ ମାଲିକ୍ ଏହାର ବିପରୀତାର୍ଥ ମତ ପ୍ରକାଶ କରିଛନ୍ତି । ଓ୍ୱଲ୍ଲାଃହୁ ଆଲମ୍ ବିସ୍ ସଓ୍ୱାବ୍ ଅର୍ଥାତ ଅଲ୍ଲାଃ ତାଲା ହିଁ ପୂର୍ଣ୍ୟ ସଂପର୍କରେ ସର୍ବାପେକ୍ଷା ଅଧିକ ବିଜ୍ଞ । ସୁତରାଂ ଏହିପରି ଭାବେ ଜୁମା ନମାଜ ଓ ଅନ୍ୟ ବାଜମାଅତ୍ ନମାଜ ଛାଡ଼ିବା ପଛରେ ଏଭଳି ରୋଗ ରହିଛି ଯେ, ଯେଉଁ ରୋଗରେ ପିଡ଼ୀତ ହୋଇ ମସଜିଦରେ ଉପସ୍ଥିତ ହେବା କଷ୍ଟସାଧ, ଏହି ପରିପ୍ରେକ୍ଷୀରେ ମସଜିଦରେ ନମାଜ ହୋଇପାରିବ ନାହିଁ ଏବଂ ଏହାର ପ୍ରମାଣ ଅଲ୍ଲାଃ ତାଲାଙ୍କ ଏହି ଆଦେଶରୁ ଅନୁମତି ହୁଏ ଯେ, ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ଧର୍ମରେ କୌଣସି ଅଭାବ ଓ ଅସୁବିଧାକୁ ଉଚିତ ବୋଲି ମଣି ନାହାନ୍ତି । ଏହି କାରଣରୁ ହଜୁର ସ:ଆ:ସ ଯେତେବେଳେ ରୋଗାଗ୍ରସ୍ତ ହେଲେ ସେତେବେଳେ ହଜୁର ସ:ଆ:ସ ମସଜିଦ ଆସିବାକୁ ସ୍ଥଗିତ କରିଦେଉଥିଲେ ଏବଂ ହଜ୍‌ରତ୍ ଅବୁ ବକର ର:ଅଙ୍କୁ କହିଲେ କି ସେ ଇମାମତ୍ କରନ୍ତୁ । ତେଣୁ ଉକ୍ତ ବର୍ଣ୍ଣନାଟି ସହି ବୁଖାରୀ ଓ ମୁସ୍‌ଲିମ୍‌ରେ ମଧ୍ୟ ବର୍ଣ୍ଣିତ ରହିଛି । ସେହିପରି କୌଣସି ରୋଗର ପ୍ରାଦୁର୍ଭାବ ହେବା ଫଳରେ ଆତଙ୍କିତ ବ୍ୟକ୍ତି ମଧ୍ୟ କ୍ଷମାଯୋଗ୍ୟ ବୋଲି ବିବେଚିତ ହେବ ଏବଂ ଏହାର ପ୍ରମାଣ ହଜ୍‌ରତ୍ ଇବ୍‌ନେ ଅବ୍‌ବାସଙ୍କ ସେହି ବର୍ଣ୍ଣନାରେ ଦେଖିବାକୁ ମିଳେ, ଯହିଁରେ ହଜୁର ସ:ଆ:ସ କ୍ଷମାଯୋଗ୍ୟର ବ୍ୟାଖ୍ୟା ଆତଙ୍କ ବା ଭୟ ଏବଂ ରୋଗ କାରଣରୁ ବର୍ଣ୍ଣିତ କରିଛନ୍ତି । ତାହା ସୁନନେ ଅବି ଦାଉଦ୍‌ରେ ଉଲ୍ଲିଖିତ ଅଛି ।

ସେ ଯାହାହେଉ ନା କାହିଁକି ଏହି ରୋଗ ଏକ ସଂକ୍ରାମକ ଜନିତ ରୋଗ ଏବଂ ଏହା ସଂକ୍ରମଣ ଯୋଗୁଁ ବ୍ୟାପିବାର ଆଶଙ୍କା ଥାଏ ଏବଂ ଯେଉଁଥିପାଇଁ ସରକାର ମଧ୍ୟ କେତେକ ନିୟମ ଏବଂ ଆଇନ୍ ପ୍ରଣୟନ କରିଛନ୍ତି ଏବ ଦେଶୀୟ ଆଇନ ବ୍ୟବସ୍ଥାନୁଯାୟୀ ଏହାକୁ ପାଳନ କରିବା ଉଚିତ । ଏହିଭଳି ପରିସ୍ଥିତିରେ ଏକତ୍ରିତ ହେବା, କିମ୍ବା ଗୋଟିଏ ସ୍ଥାନରେ ଅଧିକ ଲୋକଙ୍କର ଭିଡ଼ ଜମିବା ବା ସମାଗମ ହେବା ଏବଂ ବାଜମାଅତ୍ ନମାଜ୍ ପଢ଼ିବା କିମ୍ବା ଜୁମା ନମାଜ ପଢ଼ିବା ଅତ୍ୟନ୍ତ କଷ୍ଟଦାୟକ ଅଟେ । କିନ୍ତୁ ମୁଁ ଯେପରି କହିଛି ଯେ, ଆପଣମାନେ ନିଜ ଘରେ ରହି ନାମଜ ବାଜମାଅତ୍ ପଢ଼ିବାର ଅଭ୍ୟାସ କରନ୍ତୁ । ଏହାଦ୍ୱାରା କ'ଣ ହେବ ନା ପିଲାମାନଙ୍କୁ ଏହା ହୃଦୟଙ୍ଗମ ହେବ ଯେ, ନମାଜ ପଢ଼ିବା କେତେ ଜରୁରୀ ଅଟେ ଏବ ବାଜମାଅତ୍ ନମାଜ ପଢ଼ିବା ଆହୁରି ଜରୁରୀ ଅଟେ । କାରଣ ଆଜିକାଲିର ପରିସ୍ଥିତି ଯୋଗୁଁ ଆମେମାନେ ମସଜିଦକୁ ଯାଇପାରିବୁ ନାହିଁ । କିନ୍ତୁ ଉକ୍ତ ଦାୟିତ୍ୱକୁ ନିଜ ଘରେ ରହି ସମ୍ପନ୍ନ କରିବା ନିତ୍ୟାନ୍ତ ଆବଶ୍ୟକ ଏବଂ ଏଥିପ୍ରତି ବିଶେଷ ଧ୍ୟାନ ଦେବାର ମଧ୍ୟ ଆବଶ୍ୟକତା ରହିଛି । ବେଳେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ଏବଂ ହଜୁର ଆ:ସ ଜୁମା ନମାଜ ପଢ଼ିପାରି ନଥିଲେ । ସେ ଯାହାହେଉ ନା କାହିଁକି ଏହିପରି ଅନେକ ବର୍ଣ୍ଣନା ରହିଛି ଯହିଁରେ ତତ୍ ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ମିଳେ ଯେ, ସଂକ୍ରାମକ ରୋଗର ପ୍ରାଦୁର୍ଭାବ ସମୟରେ ଏକତ୍ରିତ ହେବା ଏବଂ ରୁଗ୍‌ଣ ଅବସ୍ଥାରେ ପରସ୍ପର ସହିତ ମିଳାମିଶା ଅନୁଚିତ ଅଟେ । ଏଥି ନିମିତ ଏକାକୀତ୍ୱ ହୋଇ ରହିବା ଓ ରୋଗୀକୁ ରଖିବା ଉଚିତ । ସେ ଯାହା ହେଉ ନା କାହିଁକି ଯେପରି ମୁଁ ପୂର୍ବେ ମଧ୍ୟ କହିଛି ଯେ, ଆମେମାନେ ସାର୍ବକାଳିନ ନମାଜ ଓ ଜୁମା ନମାଜ ଛାଡୁ ନାହୁଁ ଏବଂ ଏଥି ପାଇଁ ପ୍ରତିବଦଳ ବ୍ୟବସ୍ଥା ମଧ୍ୟ କରୁଅଛୁ ଯେ, ଘରଗୁଡ଼ିକରେ ଜୁମା ନମାଜର ବ୍ୟବସ୍ଥା ହେଉ, ମୁଁ ମଧ୍ୟ କୌଣସି ବ୍ୟବସ୍ଥା କରିବା ପାଇଁ ଚେଷ୍ଟା କରିବି । ଇନ୍‌ଶାଅଲ୍ଲାଃ

ବର୍ତମାନ ଏହା ମଧ୍ୟ ଆବଶ୍ୟକ ହୋଇପଡ଼ିଛି ଯେ, ଏହି ଦୁଆ କରନ୍ତୁ ଯେ, ଅଲ୍ଲାଃ ତାଲା ନିଜର କୃପା ଅବତୀର୍ଣ୍ଣ କରନ୍ତୁ । ଯେପରିକି ମୁଁ ପୂର୍ବେ ମଧ୍ୟ କହିଛି କି ଅଲ୍ଲାଃ ତାଲା ଉକ୍ତ ସଂକ୍ରାମକ ଭୁତାଣୁ ରୋଗରୁ ପୃଥିବୀବାସୀଙ୍କୁ ଯଥାଶିଘ୍ର ପବିତ୍ର କରନ୍ତୁ ଓ ସମସ୍ତ ସଂସାରକୁ ମାନବତାର ଆବଶ୍ୟକତାକୁ କୃତାର୍ଥ ଓ ପରିପୂରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ପୃଥିବୀବାସୀ ଅଲ୍ଲାଃ ତାଲାଙ୍କୁ ଚିହ୍ନନ୍ତୁ । ଏଥି ନିମନ୍ତେ ଅଲ୍ଲାଃ ତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଅସ୍ ସଲାମୁ ଅଲୈକୁମ୍ ଓ୍ୱ ରହମତୁଲ୍ଲାଃ ହି ଓ୍ୱ ବରକାତୁହୁ ।

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

ପ୍ରେରଣ କରିଥାଏ । ଯଦ୍ୱାରା ସେ ଲୋକମାନଙ୍କୁ ସୁଧାରି ପାରିବେ ଓ ସେମାନଙ୍କ ଅସଲ ଶିକ୍ଷା ଏବଂ ଆସ୍ଥା ଆଡ଼କୁ ମାର୍ଗଦର୍ଶନ କରାଇ ପାରିବେ । ଯେଉଁଠି ଇସ୍‌ଲାମ୍‌ର କଥା ଉଠୁଛି ସେ ସମ୍ବନ୍ଧରେ ଆମର ବିଶ୍ୱାସ ହେଉଛି ଏହା କି, ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ହେଉଛନ୍ତି ଶେଷ ଶରଇ ନବୀ ଯିଏ ଅଲ୍ଲାଃ ତାଲାଙ୍କ ତରଫରୁ ଆବିର୍ଭାବ ହୋଇଥିଲେ ଏବଂ ପୁଣି ଉନବିଂଶ ଶତାବ୍ଦୀର ଶେଷରେ ଇସ୍‌ଲାମ୍‌ର ଅସଲ ଶିକ୍ଷା ଓ ପ୍ରଥାର ପୁର୍ନବିନ୍ୟାଶ ନିମନ୍ତେ ଅଲ୍ଲାଃ ତାଲା ଯମାତ୍ ଅହେମଦୀୟା ମୁସଲିମାର ପ୍ରତିଷ୍ଠାତା ରୂପେ ଜଣେ ସୁଧାରକ ପ୍ରେରଣ କଲେ ଯିଏ ବାସ୍ତବିକ ଇସଲାମର ଶିକ୍ଷା ଦେଲେ ଓ ତା ଉପରେ ପରିଚାଳିତ ହେଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତେଣୁ ଆମେ ଆମ ଯମାତ୍‌ର ପ୍ରତିଷ୍ଠାତାକୁ ମସିହ ମଉଦ୍ ଆ:ସ ଏବଂ ମେହେଦୀ ରୂପେ ମାନୁଅଛୁ । ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ପୁର୍ନଜୀବିତ କରିବା ଏବଂ ମାନବଜାତିକୁ ପୁର୍ନବାର ଅଲ୍ଲାଃ ତାଲାଙ୍କ ଆଡ଼କୁ ଫେରାଇ ଆଣିବା । ଆମ ଯମାତ୍‌ର ଏହି ସଂକ୍ଷିପ୍ତ ପରିଚୟ ଦେବାପରେ ଏବେ ମୁଁ ପୃଥିବୀର ବର୍ତମାନ ପରିସ୍ଥିତି ସମ୍ବନ୍ଧରେ କିଛି ବର୍ଣ୍ଣନା କରିବି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ଯେ, ସେ ସ୍ୱାଧୀନଭାବେ ଓ ଶାନ୍ତି ଓ ଆରାମରେ ଜିବନ ବିତାଇବାକୁ ଲାଗିଥାଏ । ଶାନ୍ତିପୂର୍ଣ୍ଣ ଜିବନ ଅତିବାହିତ କରିବାର ଇଚ୍ଛା ରଖିଥାଏ ଯାହା ପ୍ରତ୍ୟେକ ପ୍ରକାରର ବାଦବିବାଦ ରହିତ ହୋଇଥିବ ଏହା ହେଉଛି ଏକ ପ୍ରାକୃତିକ ଅବସ୍ଥା । ପ୍ରତ୍ୟେକ ଏକଥା ଚାହୁଁଅଛି ଯେ, ସେ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ସ୍ଥାନରେ ରହୁ । ସମସ୍ତେ ଏକଥା ଚାହୁଁଛନ୍ତି ଯେ, ସେମାନଙ୍କର ଗାଁ, କସ୍‌ବା ବା ସହର ସୁରକ୍ଷିତ ରହୁ ଓ ସେଥିରେ ଭାଇଚାରାର ପରିବେଶ ଥାଉ । ପ୍ରତ୍ୟେକଙ୍କର ଏ ଇଚ୍ଛା ଯେ, ତା'ର ଦେଶ ଶାନ୍ତିପୂର୍ଣ୍ଣ ହେଉ ଉନ୍ନତିକାରୀ ହେଉ ଓ ଜିବନ ବିତାଇବାର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେଉ । ଶାନ୍ତିପୂର୍ଣ୍ଣ ଜିବନଯାପନ କରିବାର ଏହି ପ୍ରାକୃତିକ ଇଚ୍ଛା ସତ୍ୱେ ମଧ୍ୟ ସତ୍ୟ କଥା ହେଉଛି ଏହା କି, ଗୋଷ୍ଠି କନ୍ଦଳ, ବିଭ୍ରାଟ ଏବଂ ବାଦବିବାଦ ପୃଥିବୀର ସବୁ ଭାଗରେ ବ୍ୟାପି ସାରିଛି । ଏପରି ଦେଶ ମଧ୍ୟ ଅଛନ୍ତି ଯେଉଁମାନେ ଗୃହଯୁଦ୍ଧ ଯୋଗୁଁ ପେଷି ହୋଇଗଲେଣି । ଚରମପନ୍ଥୀ ଗୋଷ୍ଠିଗୁଡ଼ିକ ଆପୋଷରେ ବା ସରକାରଙ୍କ ଖିଲାପ ମୁଣ୍ଡଟେକି ଛିଡ଼ା ହୋଇଛନ୍ତି । କିଛି ଦେଶ ଓ ପ୍ରଦେଶ ପ୍ରଦେଶ ଓ ବିଭିନ୍ନ ଇଲାକାଙ୍କ ମଧ୍ୟରେ ଭୀଷଣ ଶତୃତା ସୃଷ୍ଟି ହୋଇ ସେମାନଙ୍କର ନିଜର ସମାଜର ଶାନ୍ତି କ୍ଷୁର୍ଣ୍ଣ କରୁଅଛନ୍ତି । ପୁଣି ଏହି ଦେଶଗୁଡ଼ିକରେ ଯେଉଁଠି ବହୁଳଭାବେ ଶରଣାର୍ଥୀମାନେ ଆସିଯାଇଛନ୍ତି ସେଠାରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଓ ବାହାରୁ ଆସିଥିବା ଲୋକମାନଙ୍କ ମଧ୍ୟରେ ଉତେଜନା ଦେଖିବାକୁ ମିଳୁଅଛି । ଏହା ଦ୍ୱାରା ସମାଜ ପୂର୍ବାପେକ୍ଷା ଅଧିକ ଖଣ୍ଡବିଖଣ୍ଡିତ ହେଉଅଛି ଓ ଏମିତି ଲାଗୁଛି ଯେମିତି ଖୁବ୍ ଶିଘ୍ର ଏହି ଉତେଜନା ଯୋଗୁଁ ସବୁକିଛି ଧ୍ୱଂସ ହୋଇଯିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆର୍ନ୍ତଜାତିୟ ସ୍ତରରେ ଦେଖନ୍ତୁ ଅଧିକାଂଶ ଦେଶ ଶକ୍ତି ପ୍ରୟୋଗ କରି ଓ ନିଜର କବ୍‌ଜା ଜମାଇବାପାଇଁ ଜଣେ ଅନ୍ୟଜଣକ ସହିତ ଯୁଦ୍ଧ କରୁଅଛି । ଭୌଗୋଳିକ, ରାଜନୈତିକ ଓ ଆର୍ଥିକ କ୍ଷମତାକୁ ହାସଲ କରିବାପାଇଁ ବା ବିଭିନ୍ନ ଜାତି ଓ ପ୍ରଥାର ଲୋକମାନଙ୍କୁ ନିଜ ମର୍ଜୀ ମୁତାବକ ପରିଚାଳିତ କରାଇବା ପାଇଁ ଅନ୍ୟାୟ ଅନୀତିପୂର୍ଣ୍ଣ ଯୁଦ୍ଧ ଲଦି ଦିଆଯାଉଛି । ଉଦାହାରଣ ସ୍ୱରୁପ ନିଜର ବିଜୟକୁ କାଏମ୍ ରଖିବାପାଇଁ ଓ ବିରୋଧି ରାଷ୍ଟ୍ରଗୁଡ଼ିକର ବିକାଶକୁ ରୋକିବାପାଇଁ ଆର୍ଥିକ ଓ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ ହୋଇସାରିଛି । ତା' ସହିତ ଏ ପୃଥିବୀ ବର୍ତମାନ ରକ୍ତପାତ କରୁଥିବା ଯୁଦ୍ଧରେ ଘେରି ସାରିଛି ଯେଉଁଥିରେ ଅନ୍ୟ ଦେଶଗୁଡ଼ିକୁ ଦଳିଦେବାପାଇଁ ଓ ସେମାନଙ୍କର ଆସନ୍ତା ପିଢ଼ୀର ଭବିଷ୍ୟତକୁ ଅନ୍ଧାର କରିବାପାଇଁ ବ୍ୟାପକରୂପେ ଧ୍ୱସଂ କରିଦେଉଥିବା ଧ୍ୱସଂକାରୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଅଛି ।

ଆମେ ନିଜ ଧନ ଓ ଶକ୍ତି ଯୋଗୁଁ ଆଜିକାଲିର ଯୁବପିଢ଼ୀର ଭବିଷ୍ୟତକୁ ଗୋଟିଏ ଶେଷ ହେଉନଥିବା, ଅନ୍ୟାୟପୂର୍ଣ୍ଣ, ଜୁଲମ୍ ଓ ଅତ୍ୟାଚାର ଜରିଆରେ ବହୁତ ନିର୍ଦୟଭାବେ ଧ୍ୱଂସ କରୁଅଛି । ଭୟ ଓ ବ୍ୟତିବ୍ୟସ୍ତ କରିଦେଉଥିବା କଥା ହେଉଛି ଏହା କି, ଯେଉଁ ଜିନିଷଗୁଡ଼ିକ ଆଜି ଆମେ ଦେଖୁଅଛେ । ତାହା କୌଣସି ଏକ ସମୟରେ ଆର୍ନ୍ତଜାତିୟର ଆଧାର ହୋଇପାରିବ ଯାହାର ଫଳାଫଳ ଆମର ଚିନ୍ତାଠାରୁ ଉର୍ଦ୍ଧରେ ଥିବ ସଂକ୍ଷିପ୍ତରେ ଏହା କି, ପୃଥିବୀର ବୋଧ ହୁଏ କୌଣସି ଏକ ଭାଗ ଥିବ ଯାହାକୁ ଆମେ ଶାନ୍ତିପୂର୍ଣ୍ଣ ଓ ଯୁଦ୍ଧ ରହିତ ସ୍ଥାନ ବୋଲି ଅଭିହିତ କରିପାରୁଥିବା । ପୃଥିବୀର ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଅଧିକାଂଶ ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ ନିଜ ଇଚ୍ଛା ମୁତାବକ ପରିଚାଳିତ ହେବାପାଇଁ ନିଜର ଶକ୍ତି ଓ ଅର୍ଥର ବ୍ୟବହାର କରୁଅଛନ୍ତି । ଏପରି କି, ସେମାନଙ୍କଠାରୁ ଦୁର୍ବଳ ରାଷ୍ଟ୍ରଗୁଡ଼ିକ ମଧ୍ୟ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସମର୍ଥନ ଯୋଗୁଁ ଇଲାକାରେ ନିଜର ବିଜୟ କାୟମ ରଖିବାପାଇଁ ନିଜ ପଡ଼ୋଶୀ ରାଷ୍ଟ୍ର ସହିତ ଅନ୍ୟାୟ ଅନିତିପୂର୍ଣ୍ଣ ବ୍ୟବହାର କରୁଛନ୍ତି । ତତ୍‌ସହିତ ସନ୍ତ୍ରାଶବାଦ ଗୋଷ୍ଠୀଗୁଡ଼ିକ ନିଜର କୁଉଦ୍ଦେଶ୍ୟକୁ ହାସଲ କରିବାପାଇଁ ହତ୍ୟା ଉତ୍ପାତର ମାର୍ଗକୁ ଅକ୍ତିଆର କରିଚାଲିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହିପରି କେତେକ ତଥାକଥିତ ଧାର୍ମିକ ସଂଘଟନ ଗୁଡ଼ିକ, ଯେଉଁମାନଙ୍କର ଉଦ୍ଦେଶ୍ୟ କେବଳ ଧନ ଓ ଶକ୍ତି ହାସଲ କରିବା ଓ ଧର୍ମନାମରେ ଧୋକା ଦେଇ ସେମାନେ ଚରମପନ୍ଥୀ କାର୍ଯ୍ୟକଳାପକୁ ଉଚିତ ମଣୁଛନ୍ତି । ପୁଣି ଉଗ୍ର ଦକ୍ଷିଣପନ୍ଥୀ ଗୋଷ୍ଠୀଗୁଡିକ ୟୁରୋପ ଓ ସାରା ପୃଥିବୀରେ ଶାନ୍ତିପାଇଁ ଏକ ସଙ୍ଗିନ ବିପଦ ହୋଇଚାଲିଛନ୍ତି । ଦକ୍ଷିଣପନ୍ଥୀମାନେ ଆଜିକାଲି ରାଷ୍ଟ୍ରବାଦ ନାମରେ ବହୁଳ ସାଂସ୍କୃତିକ ଏବଂ ବହୁ ଜାତିୟ ସମାଜ ସଂସ୍କୃତିକୁ ଶେଷ କରି ତା'ଉପରେ ନିଜର ବିଦ୍ୱେଷମୂଳକ ଜାତିପ୍ରଥାକୁ ଲଦିଦେବାକୁ ଚାହୁଁଛନ୍ତି । ନିଜ ଜାତିର ଅସ୍ମିତାକୁ ବଂଚାଇବା ପାଇଁ ଓ ତାହାକୁ ବାହ୍ୟଶକ୍ତିଠାରୁ ପବିତ୍ର ରଖିବାପାଇଁ କେତେକ ବିଦ୍ୱେଷଭାବ ରଖୁଥିବା ଲୋକମାନେ ଏହିପରି ମୁହାଜିର୍‌ମାନଙ୍କୁ ଭିଷଣରୂପେ ଲକ୍ଷ୍ୟ କରାଯାଉଛନ୍ତି । ଯେଉଁମାନେ କେତେ ଦଶକ ହେବ ସେହି ଦେଶଗୁଡ଼ିକରେ ଶାନ୍ତିପ୍ରିୟଭାବେ ରହିଆସୁଛନ୍ତି ଓ ଏକ ଉଦାହରଣୀୟ ନାଗରିକ ହୋଇଥିବା ଯୋଗୁଁ ସେହି ଦେଶର ଉନ୍ନତି ସାଧନ ନିମନ୍ତେ ଚେଷ୍ଟା କରୁଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କେତେକ ଦେଶ ଓ କେତେକ ସଂଘଠନ ନିଜର ହିତସାଧନ ନିମନ୍ତେ ନ୍ୟାୟ ଓ ନୈତିକତାର ବୁନିଆଦି ସିଦ୍ଧାନ୍ତଗୁଡ଼ିକୁ ଗୋଟିଏ ପଟେ ରଖି ଓ କାହାର ପରବାୟ ନ କରି ପୃଥିବୀର ଆର୍ଥିକ ମଣ୍ଡି ଓ କାରବାର ଉପରେ କବଜା କରିବାପାଇଁ କୌଣସି ଅବସରକୁ ହାତଛଡ଼ା କରୁନାହାନ୍ତି । ସଂକ୍ଷିପ୍ତରେ ଏତିକି ଯେ, ମୁଁ ଯେମିତି କି ବର୍ଣ୍ଣନା କରିସାରିଛି କି ଏହି ବାଦ ବିବାଦ ସାରା ପୃଥିବୀକୁ ଘେରି ସାରିଲାଣି ଓ ଏହା ସମାଜର ପ୍ରତି ସ୍ତରରେ ଦେଖାଯାଇପାରେ । ସେଥିଯୋଗୁଁ ଆମ ସ୍ୱଭାବରେ ଥିବା ପ୍ରାକୃତିକ ଶାନ୍ତିପୁର୍ଣ୍ଣ ଇଚ୍ଛା ସତ୍ୱେ ମଧ୍ୟ ଆମେ ବିଲ୍‌କୁଲ୍ ତା'ର ଓଲୋଟା ଅବସ୍ଥାକୁ ଦେଖୁଅଛୁ ।

ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ମୁଁ ପୃଥିବୀର ଏହିଭଳି ଅବସ୍ଥା ସମ୍ବନ୍ଧରେ ବିଗତ କେତେବର୍ଷ ହେବ ଅବଗତ କରାଉଅଛି କିନ୍ତୁ ଏବେ ତ ଅନ୍ୟମାନେ ମଧ୍ୟ ଦୁନିଆରେ ଉପୁଜୁଥିବା ଅସୁରକ୍ଷିତ ଓ ଅଶାନ୍ତ ବାତବରଣ ସମ୍ବନ୍ଧରେ ନିଜ ନିଜର ଚିନ୍ତାକୁ ପ୍ରକାଶ କରିବାକୁ ଲାଗିଲେଣି । ଏବେ

ମୁଁ କେତେକ ଭୌଗୋଳିକ ରାଜନୈତିକ ପ୍ରବିଣ, ରାଜନୈତିଜ୍ଞ ଏବଂ ଚିନ୍ତାନାୟକ ମାନଙ୍କର ଏ ସମ୍ବନ୍ଧରେ ଥିବା ବୟାନଗୁଡ଼ିକୁ ଉପସ୍ଥାପନ କରିବି ଯେଉଁମାନେ ଏବେ ଖୋଲାଖୋଲି ଭାବେ ଏହି ବିପଦ ସମ୍ବନ୍ଧରେ ନିଜର ଭାବନାକୁ ବ୍ୟକ୍ତ କରୁଅଛନ୍ତି ଏବଂ ପୃଥିବୀର ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା କରିବାପାଇଁ ଯଥାଶିଘ୍ର ପଦକ୍ଷେପ ନେବାପାଇଁ ଜୋର୍ ଦେଉଅଛନ୍ତି ଉଦାହାରଣ ସ୍ୱରୁପ ନ୍ୟୁୟର୍କ ଟାଇମ୍‌ସର ଜଣେ ସ୍ତମ୍ଭକାର ଫ୍ରାଙ୍କୋଇସ୍ ଡେଲେଟର୍ ସାହେବ ଯିଏ ଜାତିସଂଘରେ ଫ୍ରାନ୍ସର ରାଜଦୂତ ଅଛନ୍ତି ସେ ଲେଖୁଛନ୍ତି, ସିକ୍ୟୁରିଟି କାଉନ୍ସିଲ୍‌ରେ ମୋର ବିଗତ ପାଂଚବର୍ଷର ଅନୁଭବ ପରେ ମୁଁ ଏହି ବାସ୍ତବିକତାକୁ ଜାଣିପାରିଛି ଯେ, ଏ ପୃଥିବୀ ଦିନୁକ ଦିନ ବିପଦ ପୂର୍ଣ୍ଣ ଓ ଅନିଶ୍ଚିତତାର ଶିକାର ହୋଇଚାଲିଛି । ଆମ ଆଖିଆଗରେ ପୃଥିବରେ ଟେକ୍ନୋଲଜିର ଅଭ୍ୟିଦୟ ଏବଂ ଚୀନ୍ ଉପରକୁ ଉଠିବା ଯୋଗୁଁ ଶକ୍ତିର ବାଲାନ୍ସ ପରିବର୍ତନ ହେଉଅଛି ଏବଂ ଆମେ ଏହା ମଧ୍ୟ ଦେଖୁଅଛୁ ଯେ, ବଡ଼ ବଡ଼ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ମୁକାବିଲା ଅଧିକ ହେଉଅଛି । ଆମେ ଏବେ ପୃଥିବୀରେ ଏକ ନୂଅପ୍ରକାରର ବିଭ୍ରାଟ ଦେଖୁଅଛୁ ।

## ହଦିସ୍ ନବୱି ସ:ଆ:ସ

"ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ"

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

"ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।"

(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

"ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।"

(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ପ୍ରକାଶ୍ୟରେ ବଦାନ୍ୟତାର ପରିପ୍ରକାଶ କରୁଛନ୍ତି ଓ ଦୁନିଆର ବର୍ତମାନ ନିଜାମ୍‌କୁ କାୟମ ରଖିବାପାଇଁ ଓ ଗୋଟିଏ ନୁଆ ଓ ଉତମ ବ୍ୟବସ୍ଥାକୁ କାଏମ୍ କରିବାପାଇଁ ଚେଷ୍ଟା ଚଳାଇଛନ୍ତି । କିନ୍ତୁ ଏହାର ଓଲଟା ଏଠିକାର ଜଣେ ବରିଷ୍ଠ ପାଶ୍ଚାତ୍ୟ ରାଜନୈତିଜ୍ଞ ଯିଏ ହେଉଛନ୍ତି ଜଣେ ବହୁତ ବଡ଼ ଆର୍ନ୍ତଜାତିୟ ରାଜନୈତିକ ପରିସ୍ଥିତିକୁ ଜାଣିବାବାଲା ସେ ଖୋଲାଖୋଲିଭାବେ ସ୍ୱୀକାର କରୁଛନ୍ତି ଯେ, ଏହି ସମସ୍ତ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏ ଦୁନିଆକୁ ଗୋଟିଏ ନୂଆ ବିଭ୍ରାଟ ଆଡ଼କୁ ନେଇ ଯାଉଛନ୍ତି । ଫ୍ରାନ୍ସର ରାଜଦୂତ ପୁଣି କହୁଛନ୍ତି ଯେ, ପ୍ରତ୍ୟେକ ପ୍ରକାରର ଆର୍ନ୍ତଜାତିୟ ବୁଝାମଣା ଅଣାୟତ ହୋଇପାରେ । ଏହିଭଳି ପରିସ୍ଥିତି ଆମେ ସିରିଆରେ ଦେଖିବାକୁ ପାଇଛୁ ଓ ଆବଶ୍ୟକ ଅଛି ଯେ, ଆମେ ଇରାନ୍, ଉତରକୋରିଆ ଏବଂ ଦକ୍ଷିଣଚୀନର ସମୁଦ୍ରରେ ଉପୁଜିଥିବା ମାମଲାଗୁଡ଼ିକରେ ଏହିଭଳି ପରିସ୍ଥିତି ସୃଷ୍ଟି ହେବାକୁ ନ ଦେବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦିଚ ଏହା ଠିକ୍ କଥା ଯେ, ସିରିଆ ଓ ଇରାନ୍ ହେଉଛନ୍ତି ମୁସଲମାନ ରାଷ୍ଟ୍ର କିନ୍ତୁ ଉତରକୋରିଆ ଏବଂ ଚୀନ ର ଦକ୍ଷିଣ ସାମୁଦ୍ରିକ ବିବାଦରେ ଲିପ୍ତ ରହିଥିବା ଦେଶଗୁଡ଼ିକର ଇସ୍‌ଲାମ୍ ସହିତ କୌଣସି ମଧ୍ୟ ସମ୍ପର୍କ ନାହିଁ ତେଣୁ କଦାପି କୁହାଯାଇ ନପାରେ ଯେ, ପୃଥିବୀର ବିଭ୍ରାଟର ମେଡ଼ିଖୁଂଟ ହେଉଛି ମୁସଲମାନମାନେ ବା ମୁସଲମାନ ରାଷ୍ଟ୍ରଗୁଡ଼ିକ ଯେମିତି କି ଅଧିକାଂଶ ଏପରି ବୁଝା ଯାଉଅଛି । ଏହି ନିବନ୍ଧରେ ଫ୍ରାନ୍ସର ରାଜଦୂତ ପୃଥିବୀରେ ଶାନ୍ତି ସ୍ଥାପନ କରିବାପାଇଁ ୟୁରୋପ ର ଗୁରୁତ୍ୱପୂର୍ଣ୍ଣ ଭୁମିକା ବିଷୟରେ ଚର୍ଚ୍ଚା କରିଛନ୍ତି ସେ କହୁଛନ୍ତି ଯେ, ମୋର ଦୃଢ଼ ବିଶ୍ୱାସ ରହିଛି କି, ଏହା ହେଉଛି ୟୁରୋପ ର ଐତିହାସିକ ଦାୟିତ୍ୱ ଓ ୟୁରୋପ ମଧ୍ୟ ସେ କ୍ଷମତା ରଖିଛି ଯେ, ପୃଥିବୀର ବିଭିନ୍ନ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମତା ସ୍ଥାପନ କରିବାପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୁମିକା ନିର୍ବାହ କରିପାରିବ । ଏହା ହେଉଛି ୟୁରୋପ ର ଦାୟିତ୍ୱ ଯେ, ସେ ପୃଥିବୀ ବାସୀଙ୍କୁ ଆପୋଷରେ ମିଶାଇବା ଓ ଦୁନିଆର ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମତା ରକ୍ଷା କରିବାପାଇଁ ନିଜର ଭୁମିକା ନିର୍ବାହ କରୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କିଛି ଦିନ ପୂର୍ବେ ମୁଁ ଜଣେ ଜର୍ମାନୀ ରାଜନୈତିଜ୍ଞଙ୍କ ସହିତ ସାକ୍ଷାତ କରିଥିଲି । ଯିଏ ଏପରି ସଂଘଠନ ପାଇଁ କାମ କରୁଥିଲେ ଯାହାଙ୍କୁ ଜର୍ମାନୀ ସରକାର ଶରଣାର୍ଥୀ ଓ ସ୍ଥାନିୟ ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାପାଇଁ ପ୍ରତିଷ୍ଠା କରିଥିଲା । ମୁଁ ତାଙ୍କୁ ଏକଥା ବତାଇଥିଲି ଯେ, ଏହି ସମସ୍ୟାର ସମାଧାନ କେବଳ ଜର୍ମାନି ବା କୌଣସି ଏକ ରାଷ୍ଟ୍ରର ଅଧିନରେ ନାହିଁ ବରଂ ଯଦି ସେ ପୃଥିବୀରେ ସ୍ଥାୟୀ ଶାନ୍ତି ସ୍ଥାପନ କରିବାର ଇଚ୍ଛା ରଖିଛନ୍ତି ତେବେ ସମଗ୍ର ୟୁରୋପୀୟ ଦେଶଗୁଡ଼ିକୁ ଏକାଠି ହୋଇ କାମ କରିବାକୁ ପଡ଼ିବ । ବର୍ତମାନ ଆଉ ଗୋଟିଏ ନିବନ୍ଧରେ ପ୍ରଫେସର ନୌରେଲ୍ ରୌବିନି ଯିଏ କ୍ଲିଂଟନ୍‌ଙ୍କ ଯୁଗରେ ହ୍ୱାଇଟହାଉସ୍‌ରେ ଆର୍ନ୍ତଜାତିୟ ସ୍ତରରେ ପ୍ରବିଣ ଅର୍ଥନୈତିଜ୍ଞ ଥିଲେ ସେ ଆମେରିକା ଓ ଚୀନ ମଧ୍ୟରେ ଯେଉଁ ସମ୍ପର୍କ ରହିଛି ସେ ସମ୍ବନ୍ଧରେ ଲେଖୁଛନ୍ତି କି, ଆର୍ନ୍ତଜାତିୟ ସ୍ତରରେ ଚୀନ ଓ ଆମେରିକା ମଧ୍ୟରେ ଲାଗି ରହିଥିବା ଶିତଳ ଯୁଦ୍ଧର କ୍ଷତି ଆମେରିକା ଓ ଋଷ ମଧ୍ୟରେ ହୋଇଥିବା ଶିତଳ ଯୁଦ୍ଧ ମୁକାବିଲାରେ ବହୁତ ଅଧିକ ହେବ । ପ୍ରଫେସର ରୌବିନି ପୁଣି ଲେଖୁଛନ୍ତି ଯେ, ବହୁ ମାତ୍ରାରେ ଶିତଳ ଯୁଦ୍ଧ ପୃଥିବୀର ଆର୍ନ୍ତଜାତିକ ବୁଝାମଣାକୁ ଶେଷ କରିବାର ମୁଳ ଆଧାର ହୋଇପାରେ ବା ଅତିକମ୍‌ରେ ଏ ପୃଥିବୀକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁଇଟି ବିରୋଧି ବ୍ଲକ୍‌ସରେ ବିଭାଜନ କରିଦେବ । ଏହି ଦୁଇ ପ୍ରକାର ପରିସ୍ଥିତିରେ ବାଣିଜ୍ୟ, ଚାକିରି, ଟେକ୍ନୋଲଜି ଏବଂ ଡ଼ାଟା ଗୁଡ଼ିକ ବହୁ ମାତ୍ରାରେ ସୀମିତ ହୋଇ ରହିଯିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହି ନିବନ୍ଧଟି ଆର୍ନ୍ତଜାତିୟ ଶକ୍ତିଶାଳି ରାଷ୍ଟ୍ରମାନଙ୍କର ବାଣିଜ୍ୟିକ ଯୁଦ୍ଧର କ୍ଷତିପୂର୍ଣ୍ଣ ପାର୍ଶ୍ୱଗୁଡ଼ିକ ଉପରେ ଆଲୋକପାତ କରୁଅଛି । ଯଦିଚ କିଛିଦିନ ପୂର୍ବେ ଚୀନ ଏବଂ ଆମେରିକା ମଧ୍ୟରେ ଗୋଟିଏ ଚୁକ୍ତି ହୋଇଅଛି କିନ୍ତୁ ଦେଖିବାକୁ ଅଛି ଏହା କେତେମାତ୍ରାରେ ସଫଳ ହେଉଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦିଚ ଏହି ବାଣିଜ୍ୟିକ ଯୁଦ୍ଧ ବୌଦ୍ଧିକ ହୀନ ଓ ବିନା କୌଣସି ଚିନ୍ତା ଓ ବିଚାରରେ କରାଯାଉଅଛି କିନ୍ତୁ ସବୁଠାରୁ ବଡ଼ ଭୟ ହେଉଛି ମୋର ଏହା କି କାଳେ ଆଟୋମିକ ଯୁଦ୍ଧ ଆରମ୍ଭ ହୋଇନଯାଉ । ଏହି ଯୁଦ୍ଧର ଭୟଙ୍କର ଫଳାଫଳ ମଣିଷର ଚିନ୍ତାରୁ ଉର୍ଦ୍ଧରେ ଓ ଏହାର ପ୍ରଭାବ ଆସନ୍ତା ପିଢ଼ୀ ପର୍ଯ୍ୟନ୍ତ ବ୍ୟାପି ରହିବ । ଏବେ ତ ଅନ୍ୟଲୋକମାନେ ମଧ୍ୟ ଏହି ବିପଦ ବିଷୟରେ ନିଜର ମତବ୍ୟକ୍ତ କରୁଅଛନ୍ତି । ବ୍ଲୁମବର୍ଗ ରେ ପ୍ରଫେସର ଟେଲର୍ କୋଓ୍ୱେନ୍ ଯିଏ ଜର୍ଜ ମିଶନ ୟୁନିଭର୍ସିଟିରେ ଅର୍ଥନୀତି ବିଭାଗରେ ପ୍ରଫେସର ଅଛନ୍ତି ସେ ଲେଖୁଛନ୍ତି ଯେ, ଆଜିର ଦୁନିଆର ଗୋଟିଏ ବହୁତ ବଡ଼ ତିକ୍ତ ସତ୍ୟତା ହେଉଛି ଏହା କି, ଯୁବଗୋଷ୍ଠୀ ଆଟୋମିକ ଯୁଦ୍ଧର ଭୟଙ୍କର ପରିସ୍ଥିତି ବିଷୟରେ ଅବଗତ ନାହାନ୍ତି । ଋତୁଚକ୍ରର ପରିବର୍ତନକୁ ବହୁତ ବଡ଼ ବିପଦ ବୋଲି ବୁଝାଯାଉଅଛି ଯେବେ କି, ଆଣବିକ ଯୁଦ୍ଧ ଅତିତର ବିପଦ ବୋଲି ବୁଝାଯାଉଅଛି ଏହାର ବିପରୀତ ମୋ ନିକଟରେ ଆଣବିକ ଯୁଦ୍ଧ ହେଉଛି ଆଜି ମଧ୍ୟ ଦୁନିଆର ସବୁଠୁ ବଡ଼ ସମସ୍ୟା ଅବଶ୍ୟ ଏହି ବିପଦ ବେଳେବେଳେ ସେତେ ଅଧିକ ଦେଖାଯାଉନାହିଁ ।

ସେ ପୁଣି ଲେଖୁଛନ୍ତି ଯେ, କେତେକ ଛୋଟ ଛୋଟ ରାଷ୍ଟ୍ର ଅଣୁ ଅସ୍ତ୍ର ହାସଲ କରିସାରିଛନ୍ତି ଓ ଅନ୍ୟ କେତେକ ଦେଶ ଏହାକୁ ହାସଲ କରିବାପାଇଁ ଚେଷ୍ଟା କରୁଅଛନ୍ତି । ଏହିପରି ଆଣବିକ ଯୁଦ୍ଧର ବିପଦ ଦିନକୁ ଦିନ ବଢ଼ିଚାଲିଛି । ସେ ବହୁତ ଦୃଢ଼ତାର ସହିତ ଲେଖୁଛନ୍ତି ଯେ, କେବଳ ଗୋଟିଏ ଦେଶ ର ଆଟୋମିକ ମିଜାଇଲ୍ ଚଳାଇବା ଦ୍ୱାରା ହିଁ ପୃଥିବୀର ଅବସ୍ଥା ସବୁଦିନ ପାଇଁ ବଦଳିଯିବ ।

Dueesehe-Welle ରେ ଛପା ହୋଇଥିବା ଗୋଟିଏ ସର୍ଭେ ମୁତାବକ ଜର୍ମାନର ଲୋକମାନେ ଯେଉଁ ସମସ୍ୟା ବିଷୟରେ ଅଧିକ ଚିନ୍ତା କରୁଛନ୍ତି ତାହା ହେଉଛି ଋତୁଚକ୍ର ଜନିତ ପରିବର୍ତନ କିନ୍ତୁ ମୁଁ ନିଜେ ଉପରୋକ୍ତ ପ୍ରଫେସର ସାହେବଙ୍କ ରାୟ ଦ୍ୱାରା ସହମତ ଯେ, ଆଜିର ସବୁଠାରୁ ବଡ଼ ସମସ୍ୟା ହେଉଛି ଯୁଦ୍ଧ ବିଶେଷ ରୂପେ ଆଣବିକ ଯୁଦ୍ଧ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏ ବର୍ଷ ଜର୍ମାନୀର ପୂର୍ବତନ ବୈଦେଶିକ ମନ୍ତ୍ରୀ Sigmar Gabriel ମଧ୍ୟ ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟାପୁଥିବା ସମ୍ବନ୍ଧରେ ନିଜର ଭୟକୁ ପ୍ରକାଶ କରିଛନ୍ତି ସେ ବତାଇଲେ ଯେ, ଆମେରିକା, ଚୀନ ଏବଂ ଋଷ୍ ଆଣବିକ କ୍ଷେତ୍ରରେ ନିଜର ବିଜୟକୁ ପ୍ରତିଷ୍ଠା କରିବାପାଇଁ ଏବେ ଗୋଟିଏ ନୂଆ ଆଟୋମିକ ଦୌଡ଼ରେ ସାମିଲ ହୋଇସାରିଛନ୍ତି ଏବଂ ସମ୍ଭବତଃ ଆମେରିକା ଏବଂ ଋଷ ନିଜର ଆଣବିକ ମିଜାଇଲ ୟୁରୋପରେ ସ୍ଥାପନ କରିବେ । ତେଣୁ ଏହିପରି ପରିସ୍ଥିତିରେ ୟୁରୋପୀୟ ଦେଶଗୁଡ଼ିକର ସମାନ ସମାନ କ୍ଷତି ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସେହିପରି ଆମେରିକ ଓ ଇରାନ୍ ମଧ୍ୟରେ ଥିବା ଅବସ୍ଥା ବହୁତ ଖରାପ ହେଉଅଛି ଓ ସମ୍ଭବତଃ ଏହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୋଇଯିବ । ଏକଥା କେହି ଦାବି କରିପାରିବେ ନାହିଁ ଯେ, ଆମେରିକା ଓ ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ହେବାକୁ ଅଛି ତାହା କୌଣସି ଧର୍ମଯୁଦ୍ଧ ହେବ ବୋଲି । ଯଦି ଏହି ଯୁଦ୍ଧ ଅନୁଷ୍ଠିତ ହେଲା ତେବେ ଏଥିରେ ଲକ୍ଷ ଲକ୍ଷ ଲୋକ ନିଜର ଜିବନ ହରାଇ ବସିବେ । ରାଜନୈତିକ ବିଶାରଦମାନେ ଏକଥା ବତାଉଛନ୍ତି ଯେ, ଯଦି ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଏ । ତେବେ ପୁଣି ଏହା ଦ୍ୱାରା କେବଳ ଏହି ଦୁଇଟି ଦେଶ ହିଁ ପ୍ରଭାବିତ ହେବେ ନାହିଁ । ବରଂ ଏହାର ପ୍ରଭାବ ବାକି ଦେଶଗୁଡ଼ିକ ପର୍ଯ୍ୟନ୍ତ ବ୍ୟାପି ଯିବ । ନିଶ୍ଚିତରୂପେ ଜର୍ମାନୀ ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହାର ବିଧ୍ୱଂସକାରୀ ପ୍ରଭାବର ଭାଗିଦାରୀ ହେବେ । ତେଣୁ ଜର୍ମାନ ସରକାର ଓ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକୁ ଏହିଭଳି ପରିସ୍ଥିତିକୁ ସମାଧାନ କରିବାପାଇଁ ପ୍ରଭାବଶାଳୀ ଭୁମିକା ନିର୍ବାହ କରିବାକୁ ହେବ । ପୁଣି ଆର୍ନ୍ତଜାତିୟ ଆର୍ଥିକ ସଂକଟକୁ ଦଶ ବର୍ଷ ବିତିଯାଇଥିଲେ ମଧ୍ୟ ୟୁରୋପୀୟ ଦେଶଗୁଡ଼ିକ ଏକଥା ଭାବନ୍ତୁ ନାହିଁ ଯେ, ସେମାନଙ୍କର ଜାତୀୟ ଅର୍ଥନୀତି ସୁରକ୍ଷିତ ରହିଛି ବୋଲି । ଏପରି କି, ପାଶ୍ଚାତ୍ୟ ଅର୍ଥନୈତିଜ୍ଞମାନେ ମଧ୍ୟ ଏହି ଆର୍ଥିକ ବ୍ୟବସ୍ଥାର ଦୋଷ ଦୁର୍ବଳତା ବିଷୟରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି । ଉଦାହରଣ ସ୍ୱରୁପ ଜଣେ ପ୍ରସିଦ୍ଧ ଓ ପ୍ରବିଣ ଅର୍ଥନୈତିଜ୍ଞ Paul Kearns ଏବେ ଏବେ ଅର୍ଥନୀତି ସମ୍ବନ୍ଧ ଏକ ପ୍ରତ୍ରିକାର ନିବନ୍ଧରେ ଲେଖୁଛନ୍ତି ଯେ, ଆମେ ସମସ୍ତେ ଏହି ଅର୍ଥିକ ବ୍ୟବସ୍ଥାରୁ ଲାଭ ଉଠାଇ ସାରିଛେ କିନ୍ତୁ ଏହି ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଯଦ୍ୱାରା ଏହା ଆକ୍ଟିଭ ହୋଇପାରିବ । ଏହାକୁ ଲାଭଭିତିକ ଆଧାରରେ ନୁହେଁ ବରଂ ସାମାଜିକ ବ୍ୟବସ୍ଥା ମୁତାବକ ପରିଚାଳିତ କରିବାକୁ ହେବ ସେଥିପାଇଁ ସର୍‌ମାୟାଦାରାନା (ପୁଞ୍ଜିବାଦ) ବ୍ୟବସ୍ଥା ଏବେ ଧିରେ ଧିରେ ଦୁର୍ବଳ ହେଉଅଛି ଓ ଲୋକମାନେ ଏକଥା ଅନୁଭବ କରିବାକୁ ଲାଗିଲେଣି ଯେ, ଏଥିରେ ବିପଦ ଓ ଅନ୍ୟାୟ ଅନିତିର ରାସ୍ତା ଲୁଚି ରହିଛି । ତେଣୁ ୟୁରୋପୀୟ ଦେଶଗୁଡ଼ିକ ଓ ଅନ୍ୟାନ୍ୟ ଶକ୍ତିଶାଳି ରାଷ୍ଟ୍ରଗୁଡ଼ିକୁ ଗର୍ବ ଅହଂକାର କରି ଏକଥା ଭାବିବା ଉଚିତ ନୁହେଁ ଯେ, ସେମାନଙ୍କର ଏହି ବ୍ୟବସ୍ଥା ସବୁଦିନ ଚାଲୁ ରହିବ ବରଂ ସେମାନଙ୍କୁ ଏହା ନିଶ୍ଚିତ କରିବାକୁ ହେବ ଯେ, ପୃଥିବୀର ଆର୍ଥିକ ବ୍ୟବସ୍ଥା ସମାନତା ଏବଂ ନ୍ୟାୟ ଉପରେ ତିଷ୍ଠି ରହୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଉ ଗୋଟିଏ ସମସ୍ୟା ଯାହା ୟୁରୋପରେ ଅନିଶ୍ଚିତତାର ବାତାବରଣ ଜାରି ରଖିଛି ତାହା ହେଉଛି Brexit ର ସମସ୍ୟା ଓ ତା ଯୋଗୁଁ ଆହୁର ଅନ୍ୟାନ୍ୟ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ଏବେ Duetsche Welle ବେଗ୍‌ଜିଟ୍‌ର ପ୍ରଭାବ ୟୁରୋପ ଉପରେ କିଭଳି ପଡ଼ିଛି ସେ ସମ୍ବନ୍ଧରେ ଅନୁଶୀଳନ କରିଛନ୍ତି । ରିପୋର୍ଟରେ କୁହାଯାଇଛି ଯେ, ହାଡ଼୍ ବ୍ରେଗ୍‌ଜିଟ୍ ଫଳରେ ସବୁଠାରୁ ଅଧିକ ଜର୍ମାନୀ ପ୍ରଭାବିତ ହେବ ଓ ତାହାର ଟେକ୍ନୋଲଜି ଏବଂ କାର କମ୍ପାନୀ ବହୁଳଭାବେ ପ୍ରଭାବିତ ହେବ । କେବଳ ଏଥିଯୋଗୁଁ ହିଁ ଜର୍ମାନୀରେ ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇ ବସିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଉ ଗୋଟିଏ ସମସ୍ୟା ଯାହା ସାରା ଦୁନିଆରେ ଓ ବିଶେଷରୂପେ ଜର୍ମାନୀରେ ଚିନ୍ତାର କାରଣ ତାହା ହେଉଛ ଇମିଗ୍ରେସନ ଓ ଦେଶାନ୍ତରଣ । ଏହି ସମସ୍ୟା ଉପରେ ଯଦିଚ ଭିନ୍ନ ଭିନ୍ନ ମତ ଆସୁଛି କିନ୍ତୁ ବାସ୍ତବିକ କଥା ହେଉଛି ଏହା କି, ଇମିଗ୍ରେସନ୍ ଅର୍ଥନୀତିର ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । Bertelsmann Foundation ର ଏବେ ଯେଉଁ ଗବେଷଣା ହୋଇଛି ତାହା ମୁତାବକ ଜର୍ମାନୀରେ କାମ କରିବାପାଇଁ ବୁନିୟାଦି ଲୋକଶକ୍ତିକୁ ପୁରଣ କରିବାପାଇଁ ପ୍ରତ୍ୟେକ ବର୍ଷ ୨ ଲକ୍ଷ ୬୦ ହଜାର ଲୋକଙ୍କୁ ଏ ଦେଶକୁ ଆଣିବାକୁ ଆବଶ୍ୟକତା ରହିଛି । ରିପୋର୍ଟରେ ଏକଥା ଚର୍ଚ୍ଚା କରାଯାଇଛି ଯେ, ଯଦି ଇମିଗ୍ରେସନ୍‌ର କାର୍ଯ୍ୟ ଆରମ୍ଭ ନ କରାଯାଏ ତେବେ ଲୋକମାନଙ୍କର ବୟସ ବୃଦ୍ଧି ଯୋଗୁଁ ଜର୍ମାନୀରେ ଲୋକଶକ୍ତି ୨୦୬୦ ପର୍ଯ୍ୟନ୍ତ ଏକତୃତୀୟାଂଶ ରହିଯିବ ବା ପୁଣି ୧୬ ମିଲିୟନ ଲୋକଙ୍କର କମି ହୋଇଯିବ । ତେଣୁ ଶରଣାର୍ଥୀମାନଙ୍କୁ ଦେଶର ସମସ୍ତ ସମସ୍ୟାଗୁଡ଼ିକର ମୁଳରୂପେ ଅଭିହିତ କରିବା ସମ୍ପୁର୍ଣ୍ଣରୂପେ ଅନ୍ୟାୟ ବରଂ ସତ୍ୟ ହେଉଛି ଏହା କି, ଇମିଗ୍ରେସନ ବିନା ଅନେକ ଧନୀଶାଳି ରାଷ୍ଟ୍ରଗୁଡ଼ିକ ଭୀଷଣ ବିପଦର ସମ୍ମୁଖିନ ହେଉଅଛନ୍ତି । ବାସ୍ତବ କଥା ହେଉଛି ଏହା କି, ସମସ୍ତ ରାଷ୍ଟ୍ର ଜଣେ ଅନ୍ୟଜଣଙ୍କ ଉପରେ ନିର୍ଭର କରୁଛନ୍ତି । ବର୍ତମାନ ଆମେ ସମସ୍ତେ ଗୋଟିଏ ଯୋଡ଼ି ହୋଇରହିଥିବା ଆର୍ନ୍ତଜାତିୟ ପୃଥିବୀରେ ବସବାସ କରୁଅଛେ । ତେଣୁ ପ୍ରତିବନ୍ଧକ ଛିଡ଼ା କରିବା ପରିବର୍ତେ ଓ ଅନ୍ୟଠାରୁ ଅଲଗା ହୋଇ ରହିବା ପରିବର୍ତେ ଏହା ଜରୁରୀ ଅଟେ ଯେ, ବିଭିନ୍ନ ଦେଶଗୁଡ଼ିକ ସହିତ ସମ୍ପର୍କ ରଖିଥିବା ଲୋକମାନେ ଜଣେ ଅନ୍ୟଜଣଙ୍କୁ ସାହାଯ୍ୟ ସହଯୋଗ କରନ୍ତୁ ଓ ସମସ୍ତଙ୍କର ହିତ ପାଇଁ ମିଳିମିଶି ଚେଷ୍ଟା କରନ୍ତୁ । ତେଣୁ ସରକାରଙ୍କୁ ଏହା ଆବଶ୍ୟକ ଯେ, ଏହି ଉଦ୍ଦେଶ୍ୟକୁ ପୁରଣ କରିବାପାଇଁ ନିୟମିତ ଯୋଜନା କରନ୍ତୁ ଓ ଏହା ନିଶ୍ଚିତ କରନ୍ତୁ ଯେ, ଦେଶଗୁଡ଼ିକ ଜଣେ ଅନ୍ୟଜଣକ ସହିତ ମିଶି କାମ କରିବେ ଓ ସ୍ଥାନିୟ ସ୍ତରରେ ମୁହାଜିରମାନଙ୍କୁ ସମାଜର ଅଂଶ ରୂପେ ବନାଇବା ପାଇଁ ସେମାନଙ୍କୁ ସାହାଯ୍ୟ କରାଯାଉ । ***କ୍ରମଶଃ***

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା’ଉପରେ ଧ୍ୟାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 23 April 2020 Issue No. 17

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନି ଗସ୍ତ - (ଜୁଲାଇ ୨୦୧୯)

## ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ

ଅଭିଭାଷଣ ପରେ ହଜୁର ଅନଓ୍ୱର ଅ:ବ:ଅ ଛୋଟ ବୟସର ପିଲାମାନଙ୍କ ନିମନ୍ତେ ଥିବା ହଲ୍ ଭିତରକୁ ପ୍ରବେଶ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରି ପିଲାମାନେ ଏବଂ ସେମାନଙ୍କର ମାଆମାନେ ଖୁସିରେ ଆତ୍ମହରା ହେଉଥିଲେ । ଏଠାରେ ମଧ୍ୟ ନାସିରାତ୍ ପିଲାମାନଙ୍କର ଛୋଟିଆ ଛୋଟିଆ ଦଳଗୁଡ଼ିକ ପ୍ରାର୍ଥନାମୂଳକ ନଜମ୍ ଏବଂ ତରାନା ପେଶ୍ କଲେ ।

ତା'ପରେ ଦିନ ୧:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ନିମନ୍ତେ ଥିବା ଜଲ୍‌ସାଗାଃରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୪:୩୦ ରେ ହଜୁର ଅନଓ୍ୱର ଅ:ବ:ଅ ଜର୍ମାନୀ ଏବଂ ଅନ୍ୟାନ୍ୟ କୌମ୍ ସହିତ ସମ୍ପର୍କ ରଖିଥିବା ଅତିଥିମାନଙ୍କ ସହିତ ଗୋଟିଏ ପ୍ରୋଗ୍ରାମରେ ଯୋଗ ଦେବା ନିମନ୍ତେ ପୁରୁଷମାନଙ୍କ ଜଲ୍‌ସାଗାଃ ରେ ପଦାର୍ପଣ କଲେ । ଏହି ଅତିଥିମାନଙ୍କ ସହିତ ଉକ୍ତ ପ୍ରୋଗ୍ରାମ କିଛି ସମୟ ପୂର୍ବରୁ ହିଁ ଆରମ୍ଭ ହୋଇଥିଲା । ଏହି ପ୍ରୋଗ୍ରାମରେ ସାମିଲ ହୋଇଥିବା ଅତିଥିମାନଙ୍କର ସଂଖ୍ୟା ୧୧୭୯ ଥିଲା । ଜର୍ମାନୀର ବିଭିନ୍ନ ସହରରୁ ଆସିଥିବା ଅତିଥିମାନଙ୍କର ସଂଖ୍ୟା ୫୦୨ ଥିଲା । ଯେବେ କି ଜର୍ମାନୀ ବ୍ୟତିତ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକ ଯଥା ବୁଲ୍‌ଗାରିଆ, ମେସିଡ଼ୋନିଆ, ମାଲ୍‌ଟା, ଆଲବାନିଆ, ବୋସ୍‌ନିଆ, କୋସୋଭ, ହଙ୍ଗେରୀ, କ୍ରୋସିଆ, ଲିଥୋନିଆ, ଇଷ୍ଟୋନିଆ ଏବଂ ସ୍ଲୋଭାନିଆ ଇତ୍ୟାଦି ଦେଶଗୁଡ଼ିକରୁ ୩୪୧ଜଣ ଅତିଥି ସାମିଲ ହୋଇଥିଲେ । ଆରବ ଦେଶଗୁଡ଼ିକ ସହିତ ସମ୍ପର୍କ ରଖିଥିବା ଅତିଥିମାନଙ୍କର ସଂଖ୍ୟା ୧୫୭ ଥିଲା ଯେବେକି ଆଫ୍ରିକା ଦେଶଗୁଡ଼ିକରୁ ଆସିଥିବା ଅତିଥିମାନଙ୍କର ସଂଖ୍ୟା ୭୫ ଏବଂ ଏସୀୟା ଦେଶଗୁଡ଼ିକ ସହିତ ସମ୍ବନ୍ଧ ରଖିଥିବା ୧୦୪ ଜଣ ଅତିଥି ସାମିଲ ହୋଇଥିଲେ । ମୋଟାମୋଟି ୬୭ ଜାତିର ଲୋକେ ଏହି ପ୍ରୋଗ୍ରାମରେ ସାମିଲ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଆଗମନରେ ହିଁ ପ୍ରୋଗ୍ରାମ ଔପଚାରିକ ଶୁଭାରମ୍ଭ ହେଲା ।

Saotome and Principe ଦେଶର ରାଷ୍ଟ୍ରପତିଙ୍କ ପ୍ରତିନିଧି Urbino Jose Goncalves Botelho ଜର୍ମାନୀ ଜଲ୍‌ସାରେ ସାମିଲ ହେବାପାଇଁ ଆସିଥିଲେ । ସେ ମହାଶୟ ନିଜର ଅଭିଭାଷଣ ରେ କହିଲେ ଯେ, ମୁଁ ରାଷ୍ଟ୍ରପତିଙ୍କ ତରଫରୁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଯେ, ଆପଣ ମତେ ଏହି ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦେଇଛନ୍ତି । ରାଷ୍ଟ୍ରପତି ଦୁଃଖ ପ୍ରକାଶ କରିଛନ୍ତି ଯେ, କେତେକ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେ ସ୍ୱୟମଂ ଏହି ଜଲ୍‌ସାରେ ସାମିଲ ହୋଇପାରିନାହାନ୍ତି ।

ପୁଣି ସେ ମହାଶୟ କହିଲେ ଏହି ପରି ମୁଁ ରାଷ୍ଟ୍ରପତିଙ୍କ ତରଫରୁ ଯମାତ୍ ଅହମଦୀୟା ଜର୍ମାନୀକୁ ଶୁଭେଚ୍ଛା ଜଣାଉଛି ଯେ, ସେମାନେ ଅତ୍ୟନ୍ତ ବୈଭବପୂର୍ଣ୍ଣ ଶୈଳୀରେ ଜଲ୍‌ସା ସାଲାନା ଜର୍ମାନୀ ୨୦୧୯ ଅନୁଷ୍ଠିତ କରିବାପାଇଁ ସୌଭାଗ୍ୟ ପାଇଛନ୍ତି । ଏହି ଜଲ୍‌ସାରେ ଯେଉଁ ଭାଇଚାରାର ଦୃଶ୍ୟକୁ ଆମେ ଦେଖିବାକୁ ମିଳିଲା ସେଥିଯୋଗୁଁ ମୁଁ ଆପଣମାନଙ୍କୁ ସାଧୁବାଦ ଜଣାଉଛି ।

ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଯମାତ୍ ଅହମଦୟା ଜର୍ମାନୀ ଏବଂ ହ୍ୟୁମାନିଟି ଫାଷ୍ଟ ଦ୍ୱାରା କରାଯାଇଥିବା ସେବାମୁଳକ କାର୍ଯ୍ୟକୁ ପ୍ରଶଂସା କରୁଅଛି ଯାହାକୁ ସେମାନେ ଆମ ଦେଶର ଲୋକମାନଙ୍କ ଆର୍ଥିକ, ଶୈକ୍ଷିକ ଏବଂ ଉନ୍ନତିମୂଳକ କାର୍ଯ୍ୟ ପାଇଁ କରୁଅଛନ୍ତି । ଏହି ସେବାମୁଳକ କାର୍ଯ୍ୟ ମଧ୍ୟରୁ ମୁଁ କିଛିଟା ଏଥିରେ ଚର୍ଚ୍ଚା କରୁଅଛି ଉଦାହରଣ ସ୍ୱରୁପ ହ୍ୟୁମାନିଟି ଫାଷ୍ଟ ଆମ ଦେଶର ଦେହାତି ଇଲାକାରେ ସ୍କୁଲ୍ ନିର୍ମାଣ କାର୍ଯ୍ୟ ଓ ସେଥିରେ ବୁନିୟାଦି ଆବଶ୍ୟକତାକୁ ପୂରଣ କରିବାର ସାମାନ୍ ଇତ୍ୟାଦି ଯୋଗାଇ ଦେଉଅଛି । ସେହିପରି ହାଇସ୍କୁଲ୍‌ର ୩୦୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍କଲାରଶିପ୍‌ର ସୁବିଧା ଯୋଗାଇ ଦେଉଅଛି ଏବଂ ସାରା ଦେଶରେ ଅନବରତ ମେଡ଼ିକାଲ୍ କ୍ୟାମ୍ପ ଓ ସର୍ଜରୀ କ୍ୟାମ୍ପ ଅନୁଷ୍ଠିତ କରୁଅଛନ୍ତି । ଅଭାବି ଲୋକମାନଙ୍କ ପାଇଁ ଓ ବିପଦଗ୍ରସ୍ତ ଲୋକମାନଙ୍କ ପାଇଁ ଆମଦେଶରେ ହ୍ୟୁମାନିଟି ଫାଷ୍ଟର ଉପସ୍ଥିତି ଅତ୍ୟନ୍ତ ଫଳପ୍ରଦ ପ୍ରମାଣିତ ହେଉଅଛି ।

ହ୍ୟୁମାନିଟି ଫାଷ୍ଟ ସେହି ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ନିଆଁ ଲାଗିବା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ହ୍ୟୁମାନିଟି ଫାଷ୍ଟ ସେମାନଙ୍କ ପାଇଁ ଘର ନିର୍ମାଣ କରୁଅଛି । ହ୍ୟୁମାନିଟି ଫାଷ୍ଟର ଏହି ସମସ୍ତ ସେବା କାର୍ଯ୍ୟ ପାଇଁ ମୁଁ ଖଲିଫତୁଲ୍ ମସିହିଲ୍‌ଙ୍କୁ କୃତଜ୍ଞତା ଜଣାଉଛି ଯେ, ଆପଣ ଆମ ଦେଶରେ ଏହି ସବୁ କାର୍ଯ୍ୟ ସାଧନ ନିମନ୍ତେ ଆମକୁ ସାହାଯ୍ୟ କରୁଛନ୍ତି । ବର୍ତମାନ ହ୍ୟୁମାନିଟି ଫାଷ୍ଟ ଅନ୍ତର୍ଗତ ଆମ ଦେଶରେ ଡ଼ାକ୍ତରଖାନା ନିର୍ମାଣ ହେବାର ଯୋଜନା କରାଯିବା ଯୋଗୁଁ ଏହା ସ୍ୱାସ୍ଥ୍ୟବିଭାଗ ପାଇଁ ମାଇଲଖୁଂଟ ପ୍ରମାଣିତ ହେବ । ଏହି ଉଦ୍ଦେଶ୍ୟ ପାଇଁ ବର୍ତମାନ ସରକାର ହ୍ୟୁମାନିଟି ଫାଷ୍ଟକୁ Rosa Uba Pudo ଠାରେ ଗୋଟିଏ ଅଟ୍ଟାଳିକା ଉପହାର ସଦୃଶ ଦେଇଅଛି ।

ଶେଷରେ ମୁଁ ଆପଣମାନଙ୍କୁ ଏହାର ବିଶ୍ୱାସ ଦେଉଅଛି ଯେ, ସାଓଟୋମେ ଏବଂ ପ୍ରେନ୍‌ସପେ ର ସରକାର ହ୍ୟୁମାନିଟି ଫାଷ୍ଟ ଓ ଯମାତ୍ ଅହମଦିୟା ସହିତ ଏକ ସୁଦୃଢ଼ ଓ ସ୍ଥାୟୀ ବନ୍ଧୁତ୍ୱକୁ କାଏମ୍ ରଖିବା ପାଇଁ ଇଚ୍ଛୁକ ।

ମୁଁ ଏହି ଅବସରର ଲାଭ ଉଠାଇ ରାଷ୍ଟ୍ରପତିଙ୍କ ତରଫରୁ ଖଲିଫତୁଲ୍ ମସିହ୍‌ଙ୍କୁ ନିମନ୍ତ୍ରଣ ଦେବାକୁ ଚାହୁଁଅଛି ଯେ, ଆପଣ ଏହି ଡ଼ାକ୍ତରଖାନାର ଉଦ୍‌ଘାଟନି ଉତ୍ସବରେ ଯୋଗ ଦିଅନ୍ତୁ ତାହା ଆମପାଇଁ ସମ୍ମାନ ଓ ଗୌରବର ପ୍ରତିକ ହେବ ଏଥିପାଇଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।

ଏହାପରେ ପ୍ରୋଗ୍ରାମର ଔପଚାରିକ ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ଦ୍ୱାରା ହେଲା ଯାହାକୁ ଅଜିଜମ୍ ଶକିଲ୍ ଅହମଦ୍ ଉମର୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ଜର୍ମାନୀ ପାଠ କଲେ ଓ ପରେ ଏହାର ଜର୍ମାନୀ ଭାଷାରେ ଅନୁବାଦ ପେଶ୍ କଲେ । ଏହାପରେ ଠିକ୍ ୪:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଇରାଜୀ ଭାଷାରେ ଭାଷଣ ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣର ଉର୍ଦ୍ଦୁ ଅନୁବଦ ଉପସ୍ଥାପନ କରାଯାଉଅଛି ।

## ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ

ତଶ୍‌ହୁଦ୍, ତଉଜ ଏବଂ ତସ୍‌ମିଆ ପାଠ କରିବାପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏଠାରେ ଉପସ୍ଥିତ ସମସ୍ତ ସମ୍ମାନସ୍ପଦ ଅତିଥିମାନଙ୍କୁ ମୋର ଅସ୍‌ସଲାମୁ ଆଲୈକୁମ୍ ଅଲ୍ଲାଃ ତାଲାଙ୍କ କରୁଣା ଓ କୃପା ଆପଣମାନଙ୍କ ଉପରେ ଅବତୀର୍ଣ୍ଣ ହେଉ । ମୁଁ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଅଛି କି, ଯେଉଁମାନେ ଆଜି ଆମର ଏହି ଜଲ୍‌ସା ସାଲାନାରେ ଯୋଗ ଦେବାପାଇଁ ଏଠାକୁ ଆସିଛନ୍ତି । ଜଲ୍‌ସା ସାଲାନା ହେଉଛି ବିଶେଷରୂପେ ଗୋଟିଏ ଧାର୍ମିକ ସମ୍ମିଳନୀ ଯେଉଁଥିରେ ଅହେମଦୀ ମୁସଲମାନମାନେ ନିଜର ଆଧ୍ୟାତ୍ମିକତା ନୈତିକତା ଏବଂ ଧାର୍ମିକ ଜ୍ଞାନକୁ ବଢ଼ାଇବାପାଇଁ ସାମିଲ ହେଉଛନ୍ତି । ଏଠି ଜଲ୍‌ସା ସାଲାନା ଜର୍ମାନୀରେ ଏବେ ଏହା ଏକ ପ୍ରଥା ହୋଇସାରିଛି ଯେ, ବିଶେଷରୂପେ ମୁସଲମାନ ଓ ଅଣମୁସଲିମ୍ ଅତିଥିମାନଙ୍କ ପାଇଁ ଗୋଟିଏ ସେସନ୍‌ର ବ୍ୟବସ୍ଥା କରାଯାଉଅଛି ଆଜି ସେଥିପାଇଁ ଆମେ ଏଠାରେ ଏକତ୍ରିତ ହୋଇଅଛେ । ଆପଣମାନଙ୍କ ମଧ୍ୟରୁ ଯେଉଁ ଅତିଥିମାନେ ପୂର୍ବରୁ ମଧ୍ୟ ଏଠାକୁ ଆସିଛନ୍ତି ସେମାନେ ତ ଅହମଦିୟତର ପ୍ରଥା ଓ ବିଶ୍ୱାସ ସମ୍ବନ୍ଧରେ ଅବଗତ ହୋଇଥିବେ । କିନ୍ତୁ କିଛି ନୁଆ ଅତିଥିମାନେ ମଧ୍ୟ ଅଛନ୍ତି ଯେଉଁମାନେ ପ୍ରଥମଥର ଏହି ସମ୍ମଳନୀରେ ଯୋଗ ଦେଇଛନ୍ତି ସେମାନେ ଅହମଦୀୟା ଆସ୍ଥା, ବିଶ୍ୱାସ ଓ ଶିକ୍ଷା ବିଷୟରେ ଜ୍ଞାନ ଆହୋରଣ କରିବାକୁ ଚାହିଁବେ । ଏହି ଅତିଥିମାନେ ମଧ୍ୟ ଏକଥା ଜାଣି ସାରିଥିବେ ଯେ, ଅହେମଦୀୟା ମୁସଲିମ୍ ଯମାତ୍ ହେଉଛି ଗୋଟିଏ ଇସ୍‌ଲାମିୟ ଫିର୍କା (ଗୋଷ୍ଠୀ) ଯିଏ ଇସଲାମର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଶେଷ ଯୁଗ ପାଇଁ ଥିବା ଭବିଷ୍ୟବାଣୀ ମୁତାବକ ମାନବ ସମାଜର ସୁଧାର ନିମନ୍ତେ ପ୍ରତିଷ୍ଠା କରାଯାଇଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହା ଏକ ସ୍ୱାଭାବିକ କଥା ଯାହା ନା କେବଳ ସିକୁରାଲ୍ ସଂଗଠନଗୁଡ଼ିକ ଉପରେ ବରଂ ଧାର୍ମିକ ଯମାତ୍ ଗୁଡ଼ିକ ଉପରେ ମଧ୍ୟ ଲାଗୁହୋଇଥାଏ ଯେ, ସମୟ ଅତିବାହିତ ହେବା ସହିତ ଗୋଟିଏ ବିଶେଷ ପ୍ରଥା ଉପରେ ପରିଚାଳିତ ହେଉଥିବା ଲୋକେ ବା ବିଶେଷ ଯମାତ୍‌କୁ ମାନୁଥିବା ଲୋକମାନେ ନିଜର ଅସଲ ଏବଂ ବୁନିୟାଦି ଶିକ୍ଷା ଓ ପ୍ରଥାଠାରୁ ଦୁରକୁ ହଟିବା ଆରମ୍ଭ କରିଦେଇଥାନ୍ତି । ଫଳତଃ ଏହି ସମସ୍ତ ଯମାତ୍‌ଗୁଡ଼ିକ ମଧ୍ୟରେ ଏପରି ଏକ ସମୟ ଆସିଥାଏ ଯେ, ତାହାକୁ ପୁର୍ନବାର ଜୀବିତ କରିବାକୁ ପଡ଼ିଥାଏ ନଚେତ ଧିରେ ଧିରେ ସେ ନିଜର ଅସଲ ଅସ୍ତିତ୍ୱକୁ ଭୁଲି ବସିଥାଏ ବା ଏପରି ରୂପ ଗ୍ରହଣ କରିନେଇଥାଏ ଯାହା ତା ଅସଲଠାରୁ ଅଲଗା କରିଦିଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମର ବିଶ୍ୱାସ ହେଉଛି ଏହା କି, ଯେତେବେଳେ ଧାର୍ମିକ ଯମାତ ଗୁଡ଼ିକ ସହିତ ଏହିପରି ମାମଲା ପେଶ୍ ହୋଇଥାଏ ସେତେବେଳେ ଅଲ୍ଲାଃଙ୍କର ଏ କାର୍ଯ୍ୟ ଜାରି ହୋଇଥାଏ ଯେ, ଅଲ୍ଲାଃ ତାଲା ଏହି ସିଲ୍‌ସିଲାର ଅସଲ ଶିକ୍ଷାକୁ ଜିବୀତ କରାଇବା ପାଇଁ ନିଜ ଦ୍ୱାରା ଚୟନ କରାଯାଇଥିବା ଅବତାରକୁ ସେ

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan